କୁଞ୍ଜରକର୍ଣ୍ଣକୁ ସାମ୍ପୃତ କଲେ । ଏଥିମଧ୍ୟରେ ଅଶୋକ ସ୍ୱପ୍ନରେ କୁନାଳଙ୍କ ମୁଖ ବଶ୍ୟ ଓ ବକର୍ଣ୍ଣ ହୋଇ ଯାଇଥିବାର ଦେଖି ଏବ ଜ୍ୟୋତିଷମାନଙ୍କଠାରୁ ସ୍ୱପ୍ନବୃତ୍ତାନ୍ତ କୁନାଳଙ୍କର ପ୍ରାଣଦାନ ଅଥବା ଦର୍ଶନଶକ୍ତିର ହରଣ ସୂଚକ ହେଉଅଛି ବୋଲି ଶୁଣି ନରାନ୍ତ ଦୁର୍ମନାୟମାନ ହୋଇ କିଛିକାଳ ରାଜକାର୍ଯ୍ୟରୁ ହରତ ହେଲେ । ଏହି ଅବସରରେ କୁନାଳଙ୍କର ଚତୁରଙ୍ଗକାରିଣୀ ତାହାଙ୍କର ବମାତା ତିଷ୍ୟରକ୍ଷିତା କୁଳଳ କୌଶଳଦ୍ୱାରା ମହାରାଜଙ୍କର ମୋହର ଦସ୍ତଖତ କରି ଉକ୍ତ ମୋହରଦ୍ୱାରା ଅଙ୍କିତ ଖଣ୍ଡିତ ଆଦେଶପତ୍ର ଲେଖାଇ ପୂର୍ବୋକ୍ତ କୁଞ୍ଜରକର୍ଣ୍ଣ ନକଟଙ୍କୁ ଏହି ଆଜ୍ଞା ପ୍ରେରଣ କଲେ ଯେ ସେ ପତ୍ର-ପ୍ରାପ୍ତି ମାତ୍ରକେ କୁନାଳଙ୍କର ନେତ୍ରଦ୍ୱୟ ଉତ୍ପାଟନ କରାଇବ । ଆଦେଶପତ୍ର ଯଥାସ୍ଥାନରେ ଉପସ୍ଥିତ ହେଲା ଏବ କୁନାଳ ପିତାର ଆଜ୍ଞା ଅବିଶ୍ୱାସ ସମ୍ୟକ୍ ଅବଗତ ହେଲାକ୍ଷଣ କଂକର୍ତ୍ତବ୍ୟବିମୂଢ଼ କୁଞ୍ଜରକର୍ଣ୍ଣ ନକଟଙ୍କୁ ଯାଇ ଆଦେଶଲିପି ପାଠ କଲେ ଏବ ସେଥିରେ ଅଶୋକଙ୍କର ନାମର ମୋହର ଅଛି କାରେ ଦେଖି କହିଲେ, "କୁଞ୍ଜରକର୍ଣ୍ଣ ! ଏହାର ଗୁରାଦେଶ ପାଳନ କର, ନଚେତ ଏହି ଅସିଦ୍ୱାରା ତୁମର ଶିରଚ୍ଛେଦନ କରିବ ।" କୁଞ୍ଜରକର୍ଣ୍ଣ ଅଗତ୍ୟା ଜଣେ ଜଲ୍ଲାଦଦ୍ୱାରା ସେହି ନିଷ୍ଠୁର ଆଦେଶକୁ କାର୍ଯ୍ୟରେ ପରିଣତ କରାଇଲେ । ଏଣୁ ତାହାରେ ଅନ୍ଧୀଭୂତ କୁନାଳ ସପତ୍ନୀକ ଅଢ଼ କ୍ରୋଶରେ ବହୁକାଳ ଭ୍ରମଣ କରି ପାଟଳିପୁତ୍ର ନଗରରେ ଉପସ୍ଥିତ ହୋଇ ଅର୍ଦ୍ଧଗୃହ ସମୟରେ ରାଜପ୍ରାସାଦର ଅନତିଦୂରରେ ବୀଣାବାଦନ କରିବାକୁ ଲାଗିଲେ । ଅଶୋକ ସେହି ଅମୃତମୟ ଧ୍ୱନି ଶୁଣି ଦବ୍ୟାନନ୍ଦରସରେ ଅଭିଭୂତ ହୋଇ ପ୍ରାତଃକାଳରେ ବାଦକକୁ ଆଣି ଦେଖିଲେ ଯେ ସେ ତାହାଙ୍କର ପ୍ରାଣାଧିକ ତନୟ କୁନାଳ । କୁନାଳକୁ ଅନ୍ଧ ଅମ୍ବୁବେଣୀଧାରୀ ଦେଖି ସେ ଏକାନ୍ତ ଖିନ୍ନ ଓ ବର୍ମ୍ମିତ ହୋଇ କାରଣ ପଚାରିଲେ, କିନ୍ତୁ ସେ କୌଣସି ଉତ୍ତର କଲେ ନାହିଁ । ପରେ ଅନୁସନ୍ଧାନଦ୍ୱାରା ତଥ୍ୟ ବୁଝି ପାର ନିଜର ମହୀଷୀ ତିଷ୍ୟରକ୍ଷିତାର ଶିରଚ୍ଛେଦନ ନମିତ୍ତ ଉଦ୍ୟତ ହେଲେ, କିନ୍ତୁ କୁନାଳ ଦମ୍ପାବତାର ବୁଦ୍ଧଙ୍କର ପବନ ନାମ ଉଚ୍ଚାରଣ କରି ପିତାଙ୍କର କୋପ ଶାନ୍ତ କଲେ ।

ଅଶୋକଙ୍କର ଏକମାତ୍ର ସହୋଦର ବିତଶୋକ ଏକସମୟରେ କଠୋର ବୌଦ୍ଧଧର୍ମଦ୍ୱେଷୀ ବ୍ରାହ୍ମଣମାନଙ୍କ ପ୍ରରୋଚନାରେ ବ୍ରାହ୍ମଣଦ୍ୱେଷୀ ହୋଇଥିଲେ, କିନ୍ତୁ ପରେ ଅନ୍ଧଜଙ୍କ ଧର୍ମଗୁରୁ ଉପଗୁପ୍ତଙ୍କ ନକଟରେ ଶରଣାପନ୍ନ ହୋଇ ବୌଦ୍ଧଧର୍ମର ଦୀକ୍ଷା ଗ୍ରହଣପୂର୍ବକ ସନ୍ନ୍ୟାସ ଅବଲମ୍ବନ କଲେ ।

କଠୋର ଲିପିପ୍ରୀତି ପ୍ରାଚ୍ୟପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ ଅସାମାନ୍ୟ ଅଧ୍ୟବସାୟ ସହକାରେ ଅଶୋକଙ୍କର ଅନୁଶାସନଗୁଡ଼ିକ ପାଠ କରି ପ୍ରକାଶ କରିଅଛନ୍ତି । ସେହି ଲିପିଗୁଡ଼ିକ ମଧ୍ୟରେ କେତେକ ଖଣ୍ଡଶୈଳଲେଖରେ, କେତେକ ଗୁମ୍ଫାମାନଙ୍କରେ ଏବ କେତେକ ସମୁଚ୍ଚସ୍ତମ୍ଭମାନଙ୍କରେ ଖୋଦିତ ହୋଇଥିବାର ଦେଖାଯାଏ । ଶୈଳାଙ୍କିତ ଘୋଷଣାଗୁଡ଼ିକ ତାହାଙ୍କର ରାଜତ୍ୱର ଦ୍ୱାଦଶ ଏବ ତତ୍ରୟୋଦଶ ବର୍ଷ ମଧ୍ୟରେ ଏବ ସ୍ତମ୍ଭଲିଖିତ ଘୋଷଣାଗୁଡ଼ିକ ସପ୍ତବିଂଶ ଓ ଅଷ୍ଟାବିଂଶ ବର୍ଷ ମଧ୍ୟରେ ଖୋଦିତ ହୋଇ-

ଥିଲା । ଅଶୋକ ସପ୍ତତ୍ରିଂଶଦ୍‌ବର୍ଷ, ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୨୬୫ ଅବ୍ଦରୁ ୨୨୨ ଅବ୍ଦ ପର୍ଯ୍ୟନ୍ତ ସାମ୍ରାଜ୍ୟଲକ୍ଷ୍ମୀ ସମ୍ଭୋଗ କରି ଅବଶେଷରେ ଧର୍ମପ୍ରଚାରାର୍ଥ ସପାଦଲକ୍ଷ ଥର ବୌଦ୍ଧସଙ୍ଘଙ୍କୁ ଦାନ କରି ଏବଂ ନଳେ ଅକ୍ଷୁବ୍ଧଚିତ୍ତ ଗ୍ରହଣ କରି ନଶ୍ୱର ଦେହ ପରିତ୍ୟାଗ କରିଥିଲେ ।

ଭାରତର ବହୁ ଅଂଶରେ ପାଷାଣୋତ୍ କୌଳଦେହରେ କୌଳଲିଖିତ ଅନୁଶାସନ-ସମୂହ ବର୍ତ୍ତମାନ ଅଛି । ପ୍ରଥମତଃ ଭୁବନେଶ୍ୱରର ଅଦୂରବର୍ତ୍ତୀ ଦୟାନଦୀତୀରସ୍ଥ ଧଉଳଗିରି, ଦ୍ୱିତୀୟତଃ କଳାନକାଶ୍ରିତ ଜୌଗଡ଼ା ପର୍ବତ, ତୃତୀୟତଃ ଗୁଜରାଟସ୍ଥିତ ଗିର୍ଣ୍ଣାର ପର୍ବତ, ଚତୁର୍ଥତଃ ଯମୁନାତଟସ୍ଥ ହିମାଳୟସନ୍ନିହିତବର୍ତ୍ତୀ ଖାଲସିଗିରି ଏବଂ ପଞ୍ଚମତଃ ସିନ୍ଧୁନଦୀତୀରବର୍ତ୍ତୀ ଅଟକନଗରନିକଟସ୍ଥ କପର୍ଦ୍ଦିଗିରି । ପ୍ରତ୍ୟେକ ଶୈଳରେ ଚତୁର୍ଦ୍ଦଶ ଗୋଟି ଅନୁଶାସନ ଲିପିବଦ୍ଧ ହୋଇଅଛି । ପ୍ରଥମ ଅନୁଶାସନରେ ଜୀବବଧ ନିଷେଧ; ଦ୍ୱିତୀୟରେ ରୁଗ୍ଣ ମନୁଷ୍ୟ ଓ ପଶୁମାନଙ୍କ ଚିକିତ୍ସା ଓ ସେବା ନିମନ୍ତ୍ର ଅଯୋଜନ; ତୃତୀୟରେ ବୌଦ୍ଧଧର୍ମର ମାହାତ୍ମ୍ୟ କୀର୍ତ୍ତନ ନିମନ୍ତ୍ର ପ୍ରତି ପଞ୍ଚମ ବର୍ଷରେ ମହୋତ୍ସବର ଅନୁଷ୍ଠାନବଧ; ଚତୁର୍ଥରେ ନିଜର ପୁତ୍ର ଓ ପୌତ୍ର ଏବଂ ବଶଧରମାନଙ୍କ ପ୍ରତି ଧର୍ମନିଷ୍ଠା ଏବଂ ଧର୍ମପ୍ରଚାର ନିମନ୍ତ୍ର ଉପଦେଶ; ପଞ୍ଚମରେ ଧନଦରିଦ୍ରନିର୍ବିଶେଷରେ ସକଳ ସମ୍ପ୍ରଦାୟ ମଧ୍ୟରେ ସ୍ୱଦେଶରେ ଏବଂ ବଦେଶରେ ଧର୍ମପ୍ରଚାର ନିମନ୍ତ୍ର ଧର୍ମମହାମାତ୍ର ବା ପରିବ୍ରାଜକ ଧର୍ମାଚାର୍ଯ୍ୟ-ମାନଙ୍କର ନିଯୁକ୍ତି; ଷଷ୍ଠରେ ପ୍ରଜାଙ୍କଠାରେ ରାଜା ରାଣୀ ଏହୁ ଉଚ୍ଚତ୍ରାବ ଉପଲବ୍ଧ କରି ପ୍ରଜାଙ୍କର ଦୁଃଖ ହ୍ରାସ ଓ ସୁଖ ବୃଦ୍ଧି ନିମନ୍ତ୍ର ଆପଣାର ସମସ୍ତ ଜୀବନକୁ ସର୍ବଦା ବିନିଯୋଗ କରିବାର ପରିଚୟ ପ୍ରଦାନ; ସପ୍ତମରେ ସଙ୍କୀର୍ଣ୍ଣ ସାମ୍ପ୍ରଦାୟିକ ବଦ୍ୱେଷ ପରିବର୍ଜନପୂର୍ବକ ସାର୍ବଜନୀନମୈତ୍ରୀବ୍ରତ ସାଧନର ଅପ୍ରତାପ୍; ଅଷ୍ଟମରେ ମୃଗୟାଦି ରାଜକ୍ରୀଡ଼ନର ଅନୌଚିତ୍ୟ ପ୍ରଦର୍ଶନ ଏବଂ ଦାନ, ସେବା ଓ ସତ୍‌ପ୍ରସଙ୍ଗର ପ୍ରଶଂସା; ନବମରେ ସକଳପ୍ରକାର ଦାନ ମଧ୍ୟରେ ଧର୍ମଦାନର ଅର୍ଥାତ୍ ଧର୍ମନୀତି ବସ୍ତାର ନିମନ୍ତ୍ର ଅନୁରକ୍ତ ସହୃଦୟ ଶ୍ରେଷ୍ଠତା ପ୍ରଖ୍ୟାପନ; ଦଶମରେ ପ୍ରଜାମାନଙ୍କ ସର୍ବମ୍ମନୁରାଗଦର୍ଶନରେ ଆନନ୍ଦ ପ୍ରକାଶ; ଏକାଦଶରେ ଧର୍ମ ପ୍ରତି ମୈତ୍ରୀଭାବର ସାଧନକୁ ପରମପୁରୁଷାର୍ଥ ବୋଲି ପ୍ରତିପାଦନ; ଦ୍ୱାଦଶରେ ସମ୍ପ୍ରଦାୟ ନିର୍ବିଶେଷରେ ଗୃହତ୍ୟାଗୀ ସନ୍ନ୍ୟାସୀ ଏବଂ ଗୃହସ୍ଥ ଉଭୟ ଶ୍ରେଣୀର ଲୋକମାନଙ୍କ ପ୍ରତି ଶ୍ରଦ୍ଧା ସମର୍ପଣ ଏବଂ ବହୁ ସମ୍ପ୍ରଦାୟମାନଙ୍କର ପରସ୍ପର ନିନ୍ଦାର ଅଯୌକ୍ତିକତା ପ୍ରଦର୍ଶନ; ତ୍ରୟୋଦଶରେ କଳିଙ୍ଗଯୁଦ୍ଧର ନୃଶଂସତା ବର୍ଣ୍ଣନ, ନିଜର ଅନୁତାପ ଏବଂ ନବଦୀକ୍ଷାଗ୍ରହଣର ଉଲ୍ଲେଖ, ଭାରତର ଦକ୍ଷିଣାଞ୍ଚଳରେ ଚୋଳ ପାଣ୍ଡ୍ୟ ପ୍ରଭୃତି ପ୍ରଦେଶରେ ଏବଂ ଆଣ୍ଟିଓକସ ପ୍ରଭୃତି ଯବନ ନୃପତିମାନଙ୍କ ରାଜ୍ୟରେ ବୌଦ୍ଧଧର୍ମ ପ୍ରଚାରର ସୁଫଳଦର୍ଶନରେ ମହୋଲ୍ଲାସ ପ୍ରକାଶ; ଚତୁର୍ଦ୍ଦଶରେ ନିଜ ସାମ୍ରାଜ୍ୟର ବିପୁଳ ବିସ୍ତୃତି ଏବଂ ଭବିଷ୍ୟତରେ ଧର୍ମପ୍ରଚାରାର୍ଥ ଅଧିକତର ସହୃ ପ୍ରଚେଷ୍ଟାର୍ଥ ସଙ୍କଳ୍ପର ଉଲ୍ଲେଖ ଲିପିବଦ୍ଧ ହୋଇଅଛି ।

ସ୍ତମ୍ଭମାନଙ୍କରେ ଖୋଦିତ ଲିପି ଗୟା ନିକଟସ୍ଥ ନାଗାର୍ଜୁନ ପର୍ବତରେ, ଭୁବନେଶ୍ୱର ନିକଟସ୍ଥ ଖଣ୍ଡଗିରିରେ, ମଧ୍ୟପ୍ରଦେଶସ୍ଥ ରାମଗଡ଼ରେ ଏବଂ ଅନ୍ୟାନ୍ୟ କେତେକ ସ୍ଥଳରେ

ଦେଖାଯାଏ । କେଉଁ ସ୍ତମ୍ଭ। କେଉଁ ଶିଳା ବୌଦ୍ଧଧର୍ମାନଙ୍କ ଉପକାରାର୍ଥ ନିର୍ମାଣ କରାଇଥିଲେ, ସେଥିର ବିବରଣ ସେମାନଙ୍କରେ ଖୋଦିତ ହୋଇଅଛି ।

ସ୍ତମ୍ଭଖୋଦିତ ଲିପି ଦିଲ୍ଲୀରେ, ଏଲାହାବାଦରେ, ତିବ୍ବତ କିମ୍ବା ତାମ୍ରଶାସନରେ ଏବ ବୁଦ୍ଧଲିସ୍ରିତ ଗାନ୍ଧୀ ନାମକ ସ୍ଥାନରେ ପରିଦୃଷ୍ଟ ହୁଏ । ଧୌଲୀସ୍ଥିତ ଉତ୍କୀର୍ଣ୍ଣ ଅନୁଶାସନବର୍ ସ୍ତମ୍ଭାନୁଶାସନଗୁଡ଼ିକ ମଧ୍ୟ ନାନା ଧର୍ମୋପଦେଶରେ ଏବ ଅଶୋକଙ୍କର ଅନୁଷ୍ଠିତ ପ୍ରଜାହିତକର କାର୍ଯ୍ୟର ବିବରଣରେ ପରିପୂର୍ଣ୍ଣ ।

ଏହି ଅନୁଶାସନଲିପି କଥା ଶୁଣି କାହାର ହୃଦୟ ବିସ୍ମୟାପନ୍ନ ନ ହେବ ? ଏ ଗମ୍ଭୀର ଧର୍ମାନୁରାଗ ! ଧର୍ମପ୍ରଚାରାର୍ଥ ଏ ଅତୁଳ୍ୟ ବ୍ୟାକୁଳତା ! କେବଳ ମନୁଷ୍ୟମାନଙ୍କ ପ୍ରତି ନୁହେଁ, ଜନ୍ତୁ ଜୀବନମାନଙ୍କ ପ୍ରତି ଶ୍ରଦ୍ଧା ଏ ଅନୁପମ ଦୟା ! ଏ ସ୍ୱର୍ଗୀୟ ଅସାମ୍ପ୍ରଦାୟିକ ଉଦାରତା ! ଏ ଅନ୍ତଃସ୍ଥ ପ୍ରଜାବାତ୍ସଲ୍ୟ ଓ ଅମାୟିକ ଲୋକ-ହିତୈଷଣା ! ଧନ୍ୟ ଅଶୋକ ! ଧନ୍ୟ ଦେବାନାଂ ପ୍ରିୟ ପ୍ରିୟଦର୍ଶୀ ! ଧନ୍ୟ ତୁମର ଦୟା ! ଧନ୍ୟ ତୁମର ଜୀବନ ।

ଛମାଣ ଆଠଗୁଣ

(By Fakirmohan Senapati)

ପ୍ରଥମ ପରିଚ୍ଛେଦ

ରାମଚନ୍ଦ୍ର ମଙ୍ଗରାଜ

ରାମଚନ୍ଦ୍ର ମଙ୍ଗରାଜ ଜଣେ ମଧୁସଲର ଜମିଦାର, ମଧ୍ୟ ମହାଜନ—ଜଗତ ଝଙ୍କା କାରବାରଠାରୁ ଥାନର ମହାଜନୀ ବେଶି । ଶୁଣା ଯାଏ, ଅଢ଼େ ସର୍ଗେ ୪ କୋଣ ମଧ୍ୟରେ ଆଉ କାହାର କାରବାର ଚଳେ ନାହିଁ । ଲୋକଙ୍କ ବଡ଼ ଧାର୍ମିକ; ବର୍ଷ ମଧ୍ୟରେ ୬୫୫। ଏକାଦଶୀ, ୫୦୫। ଥିଲେ ମଧ୍ୟ ଗୋଟାଏ ସେ ଖଡ଼ ପଡ଼ନ୍ତା, ଏ କଥା ଆମ୍ଭେମାନେ କହିବାକୁ ଅକ୍ଷମ । ଏକାଦଶୀ ଦିନ ଭୁଲଘାଟର ଜଳ ମାତ୍ର ଅବଲମ୍ବନ । ସେ ଦିନ ଉପର ଓଳି ମଙ୍ଗରାଜଙ୍କର ଜଗା ଭଣ୍ଡାରୀ କଥା କହିଁ କହିଁ କହି ପକାଇଥିଲା. ପ୍ରତି ଏକାଦଶୀ ଦିନ ସନ୍ଧ୍ୟବେଳେ ଦ୍ୱାଦଶୀ ପାରଣା ସକାଶେ ସାଆନ୍ତଙ୍କ ଶୋଇଲଘରେ ଘରେ ଦୁଧ, ଦଶୁ ଖଇ, ନବାତ, ପାଚଲା କଦଳ ରଖା ଯାଇଥାଏ । ସେ (ଜାଗ) ଦ୍ୱାଦଶୀ ଦିନ ବଡ଼ ସଖାରେ ଭୃତ୍ୟ ବାସନ ମାଜେ । ଏ କଥା ଶୁଣି ଜଣକେତେ ମୁହଁ ଗୁଡ଼ାଗୁଡ଼ି ହୋଇ ମୁରକ ମୁରକ ହସିଥିଲେ । ଜଣେ କହି ପକାଇଲା, ଭୂତ ପାଣି ପିଇଲେ ମହା ଦବଙ୍କ ବାପ ବି ଜାଣି ପାରବେ ନାହିଁ । ଏ କଥାର ଅର୍ଥ ଯଦି ବୁଝା ଯାଇ ନାହିଁ, ମାତ୍ର ଆମ୍ଭେମାନେ ଅନୁମାନ କରିନେଲୁଁ, ଏହା ଜନ୍ତୁଙ୍କର କଥା । ସେ କଥା ଛଡ଼, ଜଗନ୍ନ ଆମ୍ଭେମାନେ ସାଆନ୍ତଙ୍କ ପକ୍ଷରେ ଓକିଲତି କରି ପାରୁଁ, ଜାଣ

ଶୂନ୍ୟ ହେବା କାର୍ଯ୍ୟରୁ। ଯେ ମଙ୍ଗରାଜଙ୍କ ବ୍ୟାଗ୍‌ଅନୁଷ୍ଠିତ ହୋଇଅଛୁ, ଏଥିର ସତ୍ୟତା ପାଖୀ କାହିଁ ? ଶୁଣିବା କଥା ବା ଅନୁମାନ କଥା ପ୍ରମାଣରୂପେ ଗଣନା କରିବାକୁ ଆମ୍ଭେମାନେ ଜିଦ୍‌ଧରି ନାରୁଜ । ଅଦାଲତର ଦାବିମାନଙ୍କର ତ ଏହି ଗତି । ଆଉ ଗୋଟିଏ କଥା ଦେଖ — ବଜ୍ଜାତଶାସ୍ତ୍ର କହେ, ଜଳୀୟ ପଦାର୍ଥ ସବୁ ବାସ୍ତାକାଇ ହୋଇ ଉଡ଼ଯାଏ । ଦୁଧ ତ ଜଳୀୟ ପଦାର୍ଥ, ଛନିଦାର ଘର ଦୁଧ ବୋଲ ବଜ୍ଜାତ-ବଧ୍ୟ ହେବ ପରା ! ପୁଣି ସେ ଘରେ ମୂଷା ଥିଲେ, ଛୁଚୁନ୍ଦର ଥିଲେ, ଛୁଞ୍ଚା ଥିଲେ; ଛଇପୋକ, ମଶା, ମାଛି ଅବା କେଉଁ ଘରେ ନ ଥାନ୍ତି ? ସେଇଥାଇଁ ଜଗତର ସମସ୍ତ ପ୍ରାଣୀ ଧାଉଁଅଛନ୍ତି ? ବଶେଷରେ ସେମାନେ ମଙ୍ଗରାଜଙ୍କ ପର ଦରଦରି ବଲାସ ଗନ୍ଧ ମାଦାପ୍ୟ ମଧ୍ୟ ଶୁଣି ନାଦାନ୍ତି । ଏଥିକୁ ମଙ୍ଗରାଜଙ୍କ ଧର୍ମନିଷ୍ଠା ପ୍ରତି ସନ୍ଦେହ କରିବା ମହାପାପ ବୋଲି ବଗ୍‌ର କରୁଁ । ଅଦ୍ଭୁତ ମଧ୍ୟ ପାର୍ଶ୍ୱବର୍ତ୍ତୀ ପକ୍ଷୀମାନଙ୍କ ପ୍ରତି ନଜର ରଖିବା ସମୟରେ ପ୍ରମାଣ ଅଦାଲତରେ ବଗ୍‌ରକମାନଙ୍କ ପ୍ରତି ବଶେଷ ବଧ ଅଛି । ମଙ୍ଗରାଜଙ୍କ ଜୁଖୁନା ହୁଅନ୍ତୁ ନାହିଁ— ମାଛ ଶୁକୁଆ କଥା ଛଡ଼ ! ଦ୍ୱାଦଶୀ ଦିନ ବ୍ରାହ୍ମଣ ଭୋଜନ କରାଇ ଉହାଁ ଉତ୍ତାରେ ପାରଣା କରନ୍ତି । ମଙ୍ଗରାଜଙ୍କ ଶ୍ରାଦ୍ଧ ଦୁହିଁଙ୍କୁ ଲୋକ । ଏହି ବ୍ରାହ୍ମଣଭୋଜନରୂପ ମହତ୍‌କାର୍ଯ୍ୟରେ କେବେ ବଘ୍ନ ପଡ଼ି ପାରେ, ଏଥି ସକାଶେ ଜଣେ କେରୁଣ୍ଡୁ ମାଣେ ଓ ଜଣେ ଗୁଡଆକୁ ମାଣେ ଏପର ଦୁଇ ମାଣ ଚିନି ଖଣ୍ଡି ଦେଇଅଛନ୍ତି । ଦ୍ୱାଦଶୀ ଦିନ ଭୋର କେରୁଣ୍ଡ ଦୁଇ ନଉଛ ଉଡ଼ା ଓ ଗୁଡଆ କୋଡ଼ଏ ପଳ ଗୁଡ଼ ଦାଖଲ କରଯାଏ । ଗୋବଦନପୁର ଶାସନ ୬୭ ଘର ବ୍ରାହ୍ମଣ ସମସ୍ତେ ନମ୍ବରିବ ହୋଇ ଆସନ୍ତି । ବେଳ ୭ ଘଡ଼ି ମଧ୍ୟରେ ବ୍ରାହ୍ମଣଭୋଜନ ହୋଇଯାଏ । ମଙ୍ଗରାଜେ ସ୍ୱୟଂ ବ୍ରାହ୍ମଣମାନଙ୍କ ପରବେଷଣୀ କରନ୍ତି । ଥରେ ଘରରେ ଉଡ଼ା ଗୁଡ଼ ଲଗାଇ ଦେଇ ମଙ୍ଗରାଜେ ଦୁଇ ପାହ କରି ଡାକ ଯୋଡ଼ କରନ୍ତି, ଗୋସାଇଁମାନେ କହନ୍ତି, ଆଉ କଛି ଲୋଡ଼ା ତ ନାହିଁ, ଛେରା ଜଳପାନ, ଛେରା ଗୁଡ଼ ଅଛି । ମାତ୍ର ମୁଁ ଜାଣେ, ଆପଣମାନଙ୍କ ଆଜ୍ଞା ବଡ଼, ଯେଣ ସାନ; ଆପଣମାନଙ୍କ ଯେଣକୁ ବଡ ପଡ଼ିଲିଣି । ଏଥି ଉତ୍ତାରେ କୌଣସି ଯେଣଢକଆ ବ୍ରାହ୍ମଣ ଜଳପାନ ମାଗି ବସିଲେ ସାଆନ୍ତେ ଉନାଅଳଆ ପାଣି ସାତ ପୁଣା ଉଡ଼ା ଏହ ପତ୍ରକୁ ଟୋପାଡ଼ ଦଅନ୍ତି । ତହିଁ ଉତ୍ତାରେ ଗୋସାଇଁମାନେ ପଣ୍ଡି ଦେଲା ପୂର୍ଣ୍ଣି ଦେଲା କହି ଲମ୍ବା ଲମ୍ବା ଡାକୁଟ ମାଇ ଆଶୀର୍ବାଦ କରି ପଡ଼ ଛଡ଼ନ୍ତି । ବ୍ରାହ୍ମଣଭୋଜନ ଉତ୍ତାରେ ସେଇ ଏକ ନଉଛ ଉଡ଼ା ଓ ଅଧାଅଧି ଗୁଡ଼ ବଚ ପଡ଼େ, ତାହା ଭକ୍ତି ପୂର୍ବକ ମଙ୍ଗରାଜେ ସେବା କରନ୍ତି । ପାଠକ, ଆପଣ ପଚାରିବେ, ନଉଛ ଉଡ଼ାରେ ସତେଇଣ ଜଣ ବ୍ରାହ୍ମଣଙ୍କର ଯେଣ ହୁଏ ପୂରଇ ? ହଇ ବୋଲ ଭାଇ, ହଇ ବୋଲ ! ଏସବୁ କଥାର ଉତ୍ତର ଦେବାକୁ ଗଲେ ଆମ୍ଭମାନଙ୍କର ଆଉ ଲେଖା ଚଳିବ ନାହିଁ । ଯିଶୁ ଖ୍ରୀଷ୍ଟ ଦୁଇ ଶହ ବୁହଳେ ବାରଶତ ଲୋକ ଖୁଆଇଲେ, ପୁଣି ଝୁଡ଼ା ପାଚୁଆ ବଚ ପଡ଼ଲ । କାମ୍ୟକ ବନରେ ଶ୍ରୀକୃଷ୍ଣ ଦୁର୍ବାସାଙ୍କ ବାରହଜାର ଶିଷ୍ୟଙ୍କର ଯେଣ ହଣ୍ଡି ଶାଗରେ ପୂରାଇ ଦେଇଥିଲେ । ଏହି ମହାପୁରୁଷଙ୍କ ବସ୍ତୁମହିମା ପ୍ରତି ଯଦି ଆପଣଙ୍କର ବଶ୍ୱାସ ନ ଥାଏ, ତେବେ ଆମ୍ଭମାନଙ୍କ ମଙ୍ଗରାଜଚରିତ ପଢିବା ନିମନ୍ତେ ଅନୁରୋଧ କରିବାକୁ ସାହସ କରି ପାରୁଁ ନାହିଁ । ଏପର ଶୁଣା ଅଛି,

ତାଙ୍କର ମାତୃଶ୍ରାଦ୍ଧ ବାଦ ଶ୍ୟାମ ସଙ୍ଗେ ସବରକୁ ଯାଇଥିଲେ—ଯାଯ ଛୁଆ ଉତେ ନାହିଁ—ସେ ବୁଢ଼ୀଙ୍କରେ ପଡ଼ ପିଅଜିନିଶା ଚୋବ ଖାଇଥିବା ସାଆନ୍ତଙ୍କ ଘରକଣରେ ଅଳମା ରହିଲା ନାହିଁ । ଅଳଯାଏ ବୁଢ଼ ବଡି ଉହ ଥାଆନ୍ତା, ମଙ୍ଗଗଜେ ଖୁବ କମ ଖରଚରେ ଅର୍ଥାତ୍ ଶ୍ୟାମଙ୍କ ଦେଢ଼ବାହ ଟିଟ୍ଟୁଚ ଲଖାଗଜରୁ ୧୫ ମାଣ ଚଉଁ ମାଡ଼ ନେଇ ଖଲାସ କରଦେଲେ । ମଙ୍ଗଗଜେ ବଚନ ଶ୍ୟାମକୁ ଡ଼ାକ ମୁରବଯଣିଆ କରି କହିଲେ, ଦେଖ ଶ୍ୟାମ, ବଣିକ ଚୁମିଆର ରତ, ମୁଁ ଅଲ ବୋଲ ମୋ ମୁଲକାରେ ଯାଞ୍ଚଳଣ ଟୋକେ ଝେଡ ନେଲେ ସିନା, ନୋହଲେ ତୁ ଏକାବେଳକେ ବରସ୍ତାନ ବୋଲ ଯାଇଥାନ୍ତୁ—ତୋ ପାଚ ପୁରୁଶ ଅହନରକରେ ପଡ଼ଥାନ୍ତେ । ଅଉ ମୁଁ ବୋଲ ସିନା ତୋର ଚଉଁ ମାଣ ୫ ଝଙ୍କାରେ ନେଇ, ଅଉ କେହ ଦୁଇ ଝଙ୍କାରେ ଛଁଅନ୍ତା ନାହିଁ । ଯେତେବେଳେ ତୁ ତ ଜାଇ, ତଣ ତୋତେ ଫୋପାଡ଼ ଦେବ ? ତେଲେ କଥଦ ଅଫଦ ବେଲକୁ ମୁଁ—ଭଲ ବେଳେ କେହ ନୁହେଁ ! ଏହୁ ସେ ବଚ ଜ୍ଞମା କାହୁଡ଼ର ଫୌଜଦାରୀ ଏକଦମରେ ତୋତେ ଖତା ଦେବାକୁ କହଇ, ଘରେ ବୁଚିଲୁ, ଦେଖା ଦେଲୁ ନାହିଁ ।

ବାପ୍ ! ବାପ୍ ! ଯେଉଁ ମନୁକମାନେ ଖ୍ରୀଷ୍ଟଙ୍କୁ କ୍ରୁଶରେ ଚଢ଼ାଇଲେ, ପରମା ସତ୍ତ ସୀତାଙ୍କୁ ବଣକୁ ପଠାଇଲେ, ସେମାନଙ୍କ ବଶଧରମାନେ ଯେ ଦଇବାଶର ଭୂଯକାଶ୍ଚ ପରେ୍ଯକାଶ୍ଚ ମଙ୍ଗଗ୍ରଜଙ୍କ ଅଖ୍ୟାତ ରଟନା କରିବେ, ଏଥା କଛୁ କରତ ନୁହେଁ ! ମନୁକମାନେ ଯେଉଁ କଥା କହ ଗଇବେ, ଆମ୍ମାନଙ୍କୁ ନାଗ୍ଦର ଦାଲତରେ ସେ କଥା ବୋଲବାକୁ ଦେଇଅଛୁ । ସେମାନେ କହନ୍ତୁ, ମଙ୍ଗଗ୍ରଜେ ଗଇଚୋଣ ମଧରେ କାହାର ଗୋଖୋଜରୁ ଖୋକେ ଜମି ରଖିଲେ ନାହିଁ । ବାଳା ଅଲା ଗ୍ରାଇ, ଓର ଖୋଜ ଖୋଜ ଏତେଦନେ ପାଇଲେ । ଶ୍ୟାମ ପିଅଜ ଖାଇ ଶ୍ରୀକ୍ଷ୍ଣ ଭୋଜନ କଗ୍ରଇଲ୍ଲ, ମଙ୍ଗଗ୍ରଜଙ୍କ ଘର ମାଇକନ୍ଥାମାନେ ସେ ଚଖାକୁ ପଠାଇ ଦାଙ୍କରୁ ପିଅଜ କଣି ଅଣନ୍ତୁ ? କଥା ଛଳରେ ଆମ୍ଭେମାନେ ମାରଗଲୁଁ, ଚଖା ପିଅଜ କଣି ଅଣିଲ୍ଲ । ଖାଇବାର ପ୍ରମାଣ କାହିଁ ? "ପଲାଣ୍ଡୁର୍ଜଗ୍ଧରଷ୍ଟେବ" ମନୁରେ ଖାଇବାକୁ ସିନା ମନା, କଣିରେ ପଢ଼ଚ ଚେବ, ଏ କଥ କାହିଁ ? ମାତ୍ର ଭଦ୍ରଲୋକ ଘର ମହଲାମାନଙ୍କ ଦୋଖାଦୋଖ ସମାଲୋଚନାକାଣ୍ଡ ମନୁକମାନଙ୍କ କଥାର ଉତ୍ତର ଦେବାକୁ ଆମ୍ଭେମାନେ ସମ୍ପୂର୍ଣ୍ଣ ନାରାଜ ।

ବିବାସିନୀ

(By Ramsankar Ray.)

ପ୍ରଥମ ପରିଚ୍ଛେଦ—ମନ୍ତ୍ରଣା

ଆଜି ପୌଷ ପୂର୍ଣ୍ଣିମା । ଜଗାଇର ଆକାଶ-ମାର୍ଗର ପ୍ରାୟ ଷଷ୍ଠାଂଶ ପଥ ଅତିକ୍ରମ କରି ଧୀରଭାବରେ ଶୀତଚରଣ ଚତୁର୍ଦ୍ଦିଗରେ ସଞ୍ଚାର କରୁଅଛନ୍ତି । ବେଶୀ ଶୀତକାଳ ଯୋଗୁଁ ସ୍ୱାଭାବିକ ଜ୍ୟୋତ୍ସ୍ନାମୟୀ ପ୍ରକୃତି ଅତ୍ୟନ୍ତ ଉଜ୍ଜ୍ୱଳ ହୋଇ ଯେଉଁ ଜାଡ୍ୟ ସମ୍ପାଦନ କରିଅଛି, ତହିଁରେ ତ ଚତୁର୍ଦ୍ଦିକ ଗମ୍ଭୀରମୂର୍ତ୍ତି ଧରି ରହିବାର କଥା, ମାତ୍ର ତହିଁରେ ଶୀତାଂଶୁଙ୍କ ସୁଶୀତଳ କରଜାଳ ନିପତିତ ହୋଇ ସୌନ୍ଦର୍ଯ୍ୟର ଜନ୍ମାଇଥିବାରୁ ଶୋଭାର ବଢ଼ନ୍ତି ହୋଇଅଛି ।

ଦୂର ଗଗନ ବନ ଭେଦି ଅକାଶମାର୍ଗରେ ମେଘମାଳ ଦେଖା ଯାଇଥିବା ହେରୁ ଶୀତ ଯାଦା ଛଡ଼ି ଯାଇଥିଲା, ଆଜି ପୂର୍ଣ୍ଣିମା ଉତ୍ସବୋଗୁଁ ଇନ୍ଦ୍ରଦେବଙ୍କ ଅମରଖେଳ-ବିଳାସମାରୋହଦର୍ଶନାର୍ଥ ମେଘମାଳ ଯେଉ ଯାଇଥିବା ହେରୁ ପୁଣି ଶୀତ ଦେଖା ଦେଲା ଏବ ଦକ୍ଷିଣଦେଶରୁ ପ୍ରବାହିତ ହେଉଥିବା ଅନିଳରୁ ଉତ୍ତାପଜନକ ପୁନଃବାର ପରାଜିତ ହୋଇ ମନ ମନ କନ୍ଦୁଥିବାରୁ ସେ ଶୀତ ଦକ୍ଷିଣ ଅଞ୍ଚଳକୁ ଅତିକ୍ରମ ହେଉଅଛି । ଜଳାଳର ଦୂର ଗଗନ, ମେଘମାଳା ଯୋଗେ, ଆପଣାର କ୍ଷମତା ବିସ୍ତାର କରି ପାରୁନ ଥିବାଯୋଗୁଁ ଯେଉଁ ମନୋଦୁଃଖରେ ମଳିନ ହୋଇ ରହି ଥିଲେ ଅଳ ମେଘମାଳା ବାହାରୁ ଅପସୃତ ହୋଇଥିବା ଦେଖି ଜୁହ୍ନ-ପାଖର ଅଳ୍ପାଦରେ ଚଦଗଦ ହୋଇ ଜୁହ୍ନ-ଜାଲି ପୃଥ୍ୱୀକ ଅଙ୍କନ କରି ଥିଲେ ସ୍ୱତ୍ୱା ନଜ ଜୁହ୍ନ-ଜାଲରେ ବାହାରୁ ଭେଦ କରି ତତ୍ତ୍ୱତଳରୁ ଅଧୁକ ଶୋଭାରେ ଅବଗାହିତ କରାଇଅଛନ୍ତି । ଅହା ! କ ମଧୁରଭାବ ! ସତେ କ ପ୍ରକୃତି ହତୀ ସ୍ନାନ କରି ଶୀତଯୋଗେ ଧବଳ-ବସନାବୃତା ହୋଇ ସ୍ନିଗ୍ଧଗମ୍ଭୀରଭାବରେ ସୁଧାକରଙ୍କ ସୁଧାକ୍ୟୋତ୍ସ୍ନା ସେବନ କରୁଅଛନ୍ତି ! ସତେ ତ ଚନ୍ଦ୍ରଦେବ ଆପଣାର ସୁଧାକର ନାମର ସାର୍ଥକତା ଦେଖି ସ୍ନିଗ୍ଧଭାବେ ଉତ୍ଫୁଲ ହୋଇଅଛନ୍ତି । ବାସ୍ତବରେ ଶୀତକାଳରେ ବେଳେ ବେଳେ ଅତ୍ୟନ୍ତନୀୟରୂପେ ଏପର ରମଣୀୟ ସମସ୍ତ ଉପସ୍ଥିତ ହୋଇ ମନରେ ଅଦ୍ଭୁତପୂର୍ବ ଭାବ ଜନ୍ମାଇ ଦଏ, ଆଉ ଅନୁଭବ ସେ ଭାବ ହୃଦୟରେ ଅନୁଧାବନ କରୁ କରୁ ସେ ବମ୍ଭୁତ ହୁଅନ୍ତି, ତାହା ତତ୍ତ୍ୱ ଆଶ୍ଚର୍ଯ୍ୟର ବିଷୟ ନୁହେ ।

ପାଠକେ ! ଏହେ ରମଣୀୟ ସମୟରେ ସୁନ୍ଦରପ୍ରବାହିନୀ ଜଲଜ୍ଞାଖିଣୀ ଗମ୍ଭୀରବାହିନୀ ମହାନଦୀର ମଧ୍ୟସ୍ଥିତ ଜଳକେଳିସ୍ଥା ପଠାରୁ ଆସନ୍ତୁ । ପଠାଟି ଉପରୋକ୍ତ ପ୍ରକୃତିର ଏକ ଅଂଶ, ସୁତରାଂ ତାହା ସେ ସେହିପର ଶୋଭାରେ ସ୍ନିଗ୍ଧଗମ୍ଭୀରଭାବ ଧାରଣ କରିଅଛୁ ବୋଲିବା ନିଷ୍ପ୍ରୟୋଜନ ମାତ୍ର । ପଠାଟିରେ ଜନମାନବଙ୍କର ବାସ ନାହିଁ ।

କେବଳ କ୍ଷୁଦ୍ର କ୍ଷୁଦ୍ର ଡଣ୍ଡିବଦା ଏବ ଠାବେ ଠାବେ ବଡ଼ବାଇ ବୃକ୍ଷମାନଙ୍କରେ ଆବୃତ ହୋଇ ଅରଣ୍ୟମୟ ଏବ ଭୟାବହ ହୋଇଅଛୁ । ପ୍ରସ୍ତରମୟ ଗୋଟ୍ଟ ସମାଧ ପଶ୍ଚିମାଂଶରେ ଗୋଲ୍ଲ ପାଉଅଛୁ ଏବ ତନ୍ନିକଟରେ ମହାଦ୍ଭାରମୂର୍ତ୍ତି ପ୍ରତିଷ୍ଠିତ ହୋଇ ସ୍ଥାନଟି ପାବନ କରୁଅଛନ୍ତି । ଏଛଡ଼ା ଅଉ କଛୁ ନାହିଁ ।

ଦେବାଳୟ ଶୁଣି ପାଠକେ ମନେ କରୁଥିବେ, ନଗାନଥବର୍ତ୍ତିତୀ ପଠାରେ ଦେବାଳୟ ଥିବାସ୍ଥଳେ ଅବଶ୍ୟ କଣେ ଦେଲେ ସେବକ ବମା ଅଥର ଦେଉ ସେଠାରେ ବାସ କରୁଥିବେ; କନ୍ତୁ ସେ ଆଶା ପୂଥ୍ୱାଇ ସମସ୍ତ ଆଶାପ୍ରାପ୍ତ ଅଳକ ଯାତ୍ର । ନଈକାର ଆଶା ମାୟାଦ୍ଭାରରୂପେ ଛଳନା କରି ସେଥର ଲୋକରେ ଶିଖା ଦେବା କାରଣ ସମାଧିରୂପ ଧାରଣ କରଚ ପଠାଞ୍ଚକ ଅଥଳତର ଗମ୍ଭୀର କରଥାଛୁ, ସେଉପର ଲୋକାଳୟଦ୍ୱାନ ପଠାସ୍ତିତ ଦେବାଳୟରେ ମହାଦ୍ଭାରମୂର୍ତ୍ତି ପ୍ରତିଷ୍ଠିତ ହୋଇ ଲୋକରେ ମାୟାମୟ ଅନନ୍ତ ଓ ଫଫାରରେ ଜାର୍ତ୍ତିପ୍ରବହ ସାର ବୋଲ ଶିଖା ଦେଉଅଛନ୍ତି । ସେବକ ସେଠାରେ କେହ ନାହିଁ । ଯାହାଙ୍କ ଭକ୍ତି ଜନ୍ମିଲା, ସେ ବନାକେବେ ଅଥ ମହାଦ୍ଭାରଙ୍କୁ ଉପାସନା ବା ପୂଜା କଲେ ଅଥବା ସାଧନାଦ୍ୱାରା ଭକ୍ତ ସେଇଠାରେ ଚିତ୍ତା ହେଲେ । ସେତବ ଗଲାରୁ ମହାଦ୍ଭାରଦେବ ଅର୍ଚ୍ଚନାଙ୍କର ପୂଜାକଦ୍ଧାନ ହୋଇ ପଡ଼ ରହିଲେ । ଚେହ୍ନପର ଅନନ୍ତ ଫଫାରରେ ଅନନ୍ତ ଖେଳା ! ମହାଦ୍ଭାର ବର୍ତ୍ତିଯୋଗେ ଲୋକରେ ପୂଜା ପାଉ-ଅଛନ୍ତି । ତାଙ୍କର ବନାଶ ନାହିଁ, ଜାର୍ତ୍ତି ସାବାର ନାହିଁ ତାବାଲ ସିନା ବନାଶ ହୁଏ । ଜାର୍ତ୍ତି ଥଲେ ଆଜ ନ ହେଲେ କାଲ ପୂଜା ପାଇବେ, ମାତ୍ର ମରଣ ନାହିଁ ଏ କଥା ନିଷ୍ପ୍ର । ତେଣୁ କବିବାଣୀ କହିଅଛନ୍ତି, "ଜାର୍ତ୍ତିର୍ଯସ୍ୟ ସ ଜୀବତି" ।

ପାଠକେ ! ମନେ କରୁଥିବେ, ଏଭଳି ପଠାକୁ ଶୀତଋତୁର ଗ୍ରୀଷ୍ମକାଳରେ ଯାଇବାର କ ପ୍ରୟୋଜନ । ବସନ୍ତ ବା ଗ୍ରୀଷ୍ମ କାଳରେ ବାସୁସେବନ ବା ଆମୋଦ ପ୍ରମୋଦ ଜନିତ ଏ ସ୍ଥାନ ପ୍ରଶସ୍ତ ଅଟେ । ସେ ଋତୁମାନଙ୍କରେ ସେତେବେଳେ ସୂର୍ଯ୍ୟକିରଣ ପ୍ରଭାବରେ ସ୍ଥାନଟି ଅତ୍ୟନ୍ତ ଜୀବ ଧାରଣ କରି ଲୋକମାନଙ୍କୁ ସେଠାକୁ ଯାଇ ଆଶ୍ରମ ଉପଭୋଗ ଅଥବା ଆମୋଦ ପ୍ରମୋଦ କରବାକୁ ଡାକୁଥିବ, ତେତେବେଳେ ଅବା ସେଠାକୁ ଗଲେ କଛୁ ଲାଭ ଅଛୁ, ମାତ୍ର ଉତ୍ତକୁ ଶୀତକାଳର ଶୀତରେ ନଦୀ ମଧ୍ୟଗତା ଶୀତ-ବାସୁପୀଡିତା ପଠାକୁ ଯାଇ କ ଲାଭ ଅଛୁ ?

ତାତା ସତ । ସେଥର ଲାଭ କଛୁ ନାହିଁ; କାଳାମୟ ଜୀବଜଗତ୍ତାଙ୍କ ଜୀବ-ସଂସାରରେ ସବୁ ପ୍ରକାର ଲାଭ ଜଡ଼ିଅଛୁ । ପଠା ଉଭୁଦିଗସ୍ଥ ନଦୀତଦର ସ୍ଥଗଖ୍ୟର ପଛତ ବାଇ ଉନ୍ନ-ଜ୍ୟୋତ୍ସ୍ନାରେ ପ୍ରତ୍ୟୁଷ ହୋଇ ଚକ୍ ଚକ୍ ଦଶୁଥିବ । ଆମ୍ଭେ ତାତା ଦେଖିବାକୁ ଡାକୁ ନାହିଁ ବମା ପଠାସ୍ତିତ ଗନ୍ଧପଡ଼ ଋତୁପ୍ରବ ଅନୁଧାବନ କରି ଗମ୍ଭୀରତ୍ୱରେ ସୁଧାକରଙ୍କ କରଣ-ସୁଧା ସେବନ କରୁଅଛନ୍ତି ତାତା ସୁବା ଦେଖିବାକୁ ଡାକୁ ନାହିଁ । ଅଥବା ବେଳେ ବେଳେ ଶୃଗାଳାବ ହିଂସ୍ର ଜନ୍ତୁମାନଙ୍କର ବିକଟ ନିନାଦ ବ ତାତା ସ୍ଥାନଟିର

ମଣ୍ଡଳମାନଙ୍କର ଭାବୟୁକ୍ତ ନାରକତାରୁ କର୍କଶତ୍ୱରେ ବଗ୍ନ କରୁଅଛୁ ତାହା ମଧ୍ୟ ଶୁଣିବାକୁ ଭଲ ନାହିଁ ।

ଭାରତର ଏ ଉଚ୍ଚ ଶୀତ ସମୟରେ ପ୍ରକାଣ୍ଡମୂର୍ତ୍ତି ଦୁଇଜଣ ଲୋକ ମହାସାଗରଙ୍କ ସମ୍ମୁଖରେ ଉପବିଷ୍ଟ ହୋଇ ମହାନଦୀପରିବ୍ୟାପ୍ତ ପ୍ରଗାଢ଼ ଶୀତକୁ ନ ମାନି କ ମନ୍ତ୍ରଣା କରୁଅଛନ୍ତି ଶୁଣନ୍ତୁ ।

ଦ୍ୱିତୀୟ ପରିଚ୍ଛେଦ — କ ମନ୍ତ୍ରଣା ?

କ ମନ୍ତ୍ରଣା ? ଏ ମନ୍ତ୍ରଣାରେ କ ଏହିମାନେ ଏକା ଫଳପ୍ରଦ ଅଛନ୍ତି କ ଏମାନଙ୍କ ମଧ୍ୟରେ ଆଉ କଣ ଅଛି ? ଏ ପ୍ରଶ୍ନର ଉତ୍ତର ଅତି ସହଜ—ମନ୍ତ୍ରଣା ଗୁରୁତର । ଏ ମନ୍ତ୍ରଣାରେ ଜଗତର ସର୍ବନାଶ ହେବ ଏବଂ ଏହି ମନ୍ତ୍ରଣାରେ ଏ ଦୁଇଜଣଙ୍କୁ ଗୋଟ ପ୍ରାୟ ୫୦ ଜଣ ଲୋକ ଲିପ୍ତ ଅଛନ୍ତି ।

ଯେ ଦୁଇଜଣଙ୍କର କଥା ଉପରେ ଉଲ୍ଲେଖ କଲୁ ସେମାନଙ୍କ ମଧ୍ୟରେ ଜଣେ ବାଦାବଲୀନ୍, ଏବଂ ଅନ୍ୟ ଜଣେ ବଲୀସ୍ୱାର ସିଂହ ହୋଇ ପରିଚିତ । ତାଙ୍କ ତଳର ସମସ୍ତ ଲୋକଙ୍କ ପରି ଏମାନେ ମହାସାର ଉପାସକ—ଦୈତ୍ୟ ଭକାଇତ ।

ଲୋକ ଦୁହିଙ୍କି ଦେଖିଲେ ଯେପରି ସିଂହବ୍ୟାଘ୍ରାଦି ଦେଖି ମନରେ ଭୟ ଜାତ ହୁଏ ସେହିପରି ଏମାନଙ୍କର କାର୍ଯ୍ୟଗତରୁ ମନରେ ଅବିଶ୍ୱାସ ନ ଜନ୍ମିବା ପର୍ଯ୍ୟନ୍ତ ଗାଢ଼ ଅନ୍ଧକାରରେ ଦୃଢ଼ମୂଳ ଜାତ ହେଉଥିବ । ସୁଦୀର୍ଘ ଶରୀର, ପ୍ରଶସ୍ତ ବକ୍ଷ, ସୁଦୃଢ଼ ଜାନୁ, ପ୍ରସ୍ତରପ୍ରାୟ କଠିନ ସ୍ନାୟୁକାନ୍ତି, ଭକଟାକାର ହସ୍ତପଦାଦି ଖଣ୍ଡ, ବଡ଼ ବଡ଼ ଲୋହିତ ଚକ୍ଷୁ, ଉନ୍ନତ-ଭ୍ରୂ ଏବଂ ଗମ୍ଭୀର-କଠିନ-ଲଲାଟ-ବିଶିଷ୍ଟ ଲୋକ ଦେଖି କାହା ମନରେ ଭୟ ନ ହେବ ? ଏମାନେ ବଡ଼େ ବଲୀୟାନ୍ ଯେ ବଡ଼ ବଡ଼ ପଥରଘରମାନ କାନ୍ଥ ପିଟି ଦୋହଲାଇ ଦେଇ ପାରନ୍ତି । ସୁରା ମାଂସ ପ୍ରଧାନ ଭୋଜନ । ଆପଣମାନଙ୍କ ମଧ୍ୟରେ ଯେପରି ରନ୍ଧନପ୍ରଣାଳୀ ପ୍ରଚଳିତ ଅଛି ତାହାକୁ ଏମାନେ ଗ୍ରାହ୍ୟ କରନ୍ତି ନାହିଁ—ଯାଇଲେ ସମସ୍ତରେ କଞ୍ଚା ମାଂସ ଖାଇବାଇ ଥିବେ । ସିଂହବ୍ୟାଘ୍ରାଦି ହିଂସ୍ରକ ଜନ୍ତୁମାନଙ୍କ ପରି ଏମାନଙ୍କର ବୃତ୍ତି—ମନୁଷ୍ୟ ଅବସ୍ଥବ ଯାହା ଧାରଣ କରିଅଛନ୍ତି ଦେଉଛ !

ଏଭଳ ଲୋକଙ୍କ ଭେଳ କଥା, ଯାଠକେ, ଉହାଁର ଅବା ଅନ୍ୟ ପରିଚୟ କ ଦେବୁ ? ଏଭଳ ଶୀତଋତୁରେ କୌଣସି କଷ୍ଟ ଅନୁଭବ ନ କରି ବସ୍ତ୍ରବିହୀନ ହୋଇ ଯାହା ବସିଅଛନ୍ତି ଉହାଁରୁ ଅପଣମାନେ ଜାଣି ପାରିବେ—ଅମ୍ବର ବୋଲିବା ଅଧିକ ।

ବାଦାବଲୀନ୍ କହିଲେ, "ମହାସାରଙ୍କ ଛମୁରେ ବସି କହୁଛ ଆଜ ଯେବେ ମୁଁ ଏକାକେ କାମ ଉଠାଇ ନ ନେବ ତେବେ ଏ ମୁଣ୍ଡ କାଟି ପକାଇବ ।" ଏହା କହି ମୁହଁରେ କରମର୍ଦ୍ଦନ କରି କାନ୍ଥ ପିଟି ବିକଟ ଅଟ୍ଟହାସ ପ୍ରକାଶ କଲେ ।

ବଳୀସ୍ୱାର ଫଣି ଗମ୍ଭୀରସ୍ୱରରେ ଶୁଣୁଥିଲେ । ବାହାବଳୀନ୍ଦ୍ରଙ୍କ ଏ ଦର୍ପ ଶୁଣି ଅସ୍ତ ହୋଇ ରହି ପାରିଲେ ନାହିଁ । ରକା ଫିଟାଇ କହିଥିଲେ, ଜାନୁରେ ହାତ ମାରି କହିଲେ, "ବାହାବଳୀନ୍ଦ୍ର ! ଆମ୍ଭେ କ ଭୁଜଙ୍ଗ ଶଙ୍ଖଙ୍କର ଜଗେ ମାତ୍ର ନୋହୁଁ ? ବାହାବଳୀନ୍ଦ୍ର ଯେବେ ଏକ ଧକାରେ ଏକ ଅଣ୍ଡେ ପାତେରୁ ଗୁଙ୍କି ବାଃ ଗଲଖ କରି ଦେବେ, ବଳୀସ୍ୱାର ଫଣି ଅନ୍ୟ ଅଣ୍ଡେ ଏକ ଲୁଦା ମାରି ପାତେରୁ ଡେଇଁ ଯିବେ । ବାହାବଳୀନ୍ଦ୍ର ! ଆମ୍ଭେ ବହେଁ ଆଉ କେଉଁ ଶତ୍ରୁ ଏଡ଼େ ବଳୀସ୍ୱାନ୍ ଅଛୁ ଯେ କଣିଯିବ ?"

ଏହା ଶୁଣି ବାହାବଳୀନ୍ଦ୍ର ବଡ଼ ସନ୍ତୁଷ୍ଟ ହେଲେ । କହିଲେ—"ଆଗ ବଳୀସ୍ୱାର ଫଣିହେ, ପଛା ଲଢ଼େଇବା । ଗୀତ କ ଆମର କଛୁ କରି ପାରେ ?" ଏହା କହି ମହାବୀରଙ୍କ ସମ୍ମୁଖରେ ହାତ ଘଷି ଧୂଳ କପାଳରେ ଲଗାଇ ଏକ ଲମ୍ଫରେ ତଳେ ଆସି ଠିଆ ହେଲେ । ବଳୀସ୍ୱାର ଫଣି ମଧ୍ୟ ତାହାଙ୍କର ଅନୁକରଣ କରି ତଳେ ଆସି ଠିଆ ହେଲେ । କଛୁକ୍ଷଣ ଉରସ୍ପରଙ୍କର ପଟାଲଢ଼େଇ ଓ ମାଲଖେଲା ହୋଇ ପୁଣି ଆସି ଉଭୟେ ପୂର୍ବନିର୍ଦ୍ଦିଷ୍ଟ ସ୍ଥାନରେ ଉପବେଶନ କଲେ ।

ବଳୀସ୍ୱାର ଫଣି ପଚାରିଲେ, "ବାହାବଳୀନ୍ଦ୍ର ! ତୁମ୍ଭେ ନଳେ ଯାଇ ଦେଖି ଆସିଛ ତ ?" ବାହାବଳୀନ୍ଦ୍ର ଉତ୍ତର କଲେ, "ମୁଁ ନଳେ ଯାଇ ଦେଖି ଆସିଛି । ଏଇଠି ଶିକାର, ତୁମ୍ଭେ ଦେଖିବ, ଆମେ ପଶୁ କେବେ ଖାଇ ନାହୁଁ । ଯେଉଁଠି ଗଛରେ ଅନେକ ତଡ଼େଇ ଥିଲେ ବାଣୁଆ ବନ୍ଧୁକର ଏକ ଶବ୍ଦରେ ଅନେକଗୁଡ଼ିଏ ତଡ଼େଇ ଲାଭ କରେ, ସେଉଁଠି ଆମର ଏଥରଜର ଶିକାରରେ ଅନେକ ପ୍ରକାର ଭୋଗ ମିଳିବ ।"

ବଳୀସ୍ୱାର ଫଣି କଛୁକ୍ଷଣ ନୀରବ ଥାଇ କହିଲେ, "ତା ହେଲେ ତ ଅତି ଭଲ କଥା—ଏତା ଯାଗାକେ ସବୁ ଭଲ ଜନସ ପ୍ରଚୁର ପରିମାଣରେ ପାଇଲେ ତନ୍ତୁଁ ବଳ ଆଉ ଆନନ୍ଦର ବିଷୟ କ ଅଛି ?"

ବାହାବଳୀନ୍ଦ୍ର ଉତ୍ତର କଲେ, "ବଳୀସ୍ୱାର ଫଣିହେ ! ଏତେ ଯାଉଚ ଯେ ଶେଷେ ତହିଁରୁ ଛଅଣ ନେଲେ ବି ବାଁକି ଯାହା ରହିବ ତାହା ବ୍ରାହ୍ମଣବୈଷ୍ଣବଙ୍କୁ ଦାନ କରି ସରିବା ସରିବ ନାହିଁ ।"

ଏହା ଶୁଣି ବଳୀସ୍ୱାର ଫଣିହେ ବିକଟ ହାସ୍ୟ କରି ଚତୁର୍ଦ୍ଦିକ କମ୍ପାଇ ଦେଲେ ଏବ ତହିଁସଙ୍ଗେ ବାହାବଳୀନ୍ଦ୍ରଙ୍କ ହାସ୍ୟ ମିଳିତ ହୋଇ ଆହୁରି ଭୟାନକ ହୋଇ ଉଠିଲା ।

ଏହି ସମୟରେ ଦୂରରୁ ନୌକା ବାହୁ ଅସିବାର ଶବ୍ଦ ଶୁଣାଗଲା । ବାହାବଳୀନ୍ଦ୍ରେ ସେ ଶବ୍ଦ ଶୁଣି ହଠାତ୍ ଉଠି "ଜୟ ମହାବୀରଙ୍କ ଜୟ" ଶବ୍ଦ କରି ବାହାରକୁ ଆସିଲେ । ବଳୀସ୍ୱାର ଫଣି ମଧ୍ୟ ତାଙ୍କର ଅନୁକରଣ କରି ବାହାରକୁ ଗଲେ ଆସିଲେ । ତନ୍ତୁଁ ଉଭୟେ ଧରାଧର ହୋଇ ଲମ୍ଫ ପ୍ରଦାନ କରୁ କରୁ ଯେଉଁ ଆଡ଼ୁ ସେ ଶବ୍ଦ ଶୁଣା ଗଲା ସେହି ଆଡ଼କୁ ଅସି ଘଟାର ଶେଷ ସୀମାରେ ଦଣ୍ଡାୟମାନ ହେଲେ ।

କବି ଉପେନ୍ଦ୍ରଭଞ୍ଜ

(By Viswanath Kar.)

ଉପେନ୍ଦ୍ରଭଞ୍ଜ ସୁକବି ହେଉନ୍ତୁ ବା ଭୁକବି ହେଉନ୍ତୁ, ତାଙ୍କର ଲେଖାର ଧାରଣ ସାର୍ଥକ ହୋଇଅଛି—ତାଙ୍କ ହେତୁରୁ ଅଳ୍ପ ଅନେକ କୃତବିଦ୍ୟ ବ୍ୟକ୍ତିଙ୍କର ଜନ୍ମ ହୋଇଅଛି । ସ୍ୱଜନସ୍ୱାର୍ଥ ତ୍ୟାଗ କରି ବାଗ୍ଦେବୀଙ୍କ ଚରଣସେବାରେ ଜୀବନ ଉତ୍ସର୍ଗ କରି ସେ ସେଉଁ ସାଧୁ ଦୃଷ୍ଟାନ୍ତ ଦେଖାଇ ଯାଇଅଛନ୍ତି, ତାହା ଅଳ୍ପ ସ୍ପର୍ଦ୍ଧା ପାଶ୍ଚାତ୍ୟଶିକ୍ଷିତ-ସମ୍ପ୍ରତି ଉତ୍କଳୀୟ ଶିକ୍ଷିତମଣ୍ଡଳୀର ଅନୁକରଣୀୟ । ଉତ୍କଳ ସାହିତ୍ୟକ୍ଷେତ୍ରରେ ଆଜିକାଲିକୁ ଯେଉଁ ଭୁମୁଳ ଆନ୍ଦୋଳନ ଉପସ୍ଥିତ । ଆମ୍ଭମାନଙ୍କର ବିଶ୍ୱାସ ଯେ, ଏହା କୌଣସି ନବଯୁଗର ଆରମ୍ଭ । ପ୍ରାଚୀନ ପ୍ରଣାଳୀ ପରିବର୍ତ୍ତିତ ହୋଇ ଧୀରେ ଧୀରେ ନୂତନ ପ୍ରଣାଳୀ ପ୍ରତିଷ୍ଠିତ ହୋଇ ଆସୁଅଛି । କାବ୍ୟ ସାହିତ୍ୟର କୌଣସି ପ୍ରଧାନ ବିଭାଗ—ସ୍ୱତନ୍ତ୍ର ତାହାର ସମ୍ୟକ୍ ଆଲୋଚନା ଏକାନ୍ତ ବାଞ୍ଛନୀୟ । ଜନ୍ମ ହାତ ପ୍ରତିବାଦ ଦୃଢ଼ତା ଓ ସ୍ୱରୂଚିର ସୀମା ଲଙ୍ଘନ କରି ବ୍ୟକ୍ତିଗତ ଆକ୍ରମଣରେ ପରିଣତ ହେଲେ, ସେଥିରୁ ସୁଫଳର ଆଶା ଅନେକ ପରିମାଣରେ ତିରୋହିତ ହୁଏ । ସ୍ୱାଧୀନ-ଭାବରେ ମତ ବ୍ୟକ୍ତ କରିବାର ଅଧିକାର ସମସ୍ତଙ୍କର ଅଛି, ସେ ମତ ଗ୍ରହଣ ବା ପରିତ୍ୟାଗ କରିବାର ଅଧିକାର ମଧ୍ୟ ସାଧାରଣଙ୍କର ଅଛି । ଅଯଥାର ମତ ବଳାଏ ରଖିବାକୁ ଚେଷ୍ଟା ନ କରି ସତ୍ୟର ଜୟ ପ୍ରତି ଦୃଷ୍ଟି ରଖି ସରଳ ଓ ଶୁଦ୍ଧ ଯୁକ୍ତିମାର୍ଗ ଅବଲମ୍ବନ କରିବା ପ୍ରକୃତ ମହତ୍ତ୍ୱର ପରିଚୟିକ । ପରଲୋକଗତ କବି ଏବଂ ମାତୃଭାଷା ଉଭୟଙ୍କ ପ୍ରତି ଆମ୍ଭମାନଙ୍କର ଅଲଙ୍ଘନୀୟ କର୍ତ୍ତବ୍ୟ ଅଛି । ସାହିତ୍ୟକ୍ଷେତ୍ରରେ ଆମ୍ଭମାନଙ୍କର କେହି ଶତ୍ରୁ ବା ମିତ୍ର ନାହିଁ । ବ୍ୟକ୍ତିବିଶେଷ ଅପେକ୍ଷା ସାହିତ୍ୟ ଆମ୍ଭମାନଙ୍କର ଅଧିକ ପ୍ରିୟ ।

ଉତ୍କଳର ପ୍ରାଚୀନ କବିମାନଙ୍କ ମଧ୍ୟରେ ଉପେନ୍ଦ୍ରଭଞ୍ଜ, ସାଳବେଗ ଦାସ, ଅଭିମନ୍ୟୁ ସାମନ୍ତସିଂହାର ଓ ଜଗନ୍ନାଥ ବଳଦେବ ରଥ ଏ ତିନି ଜଣ ଉଚ୍ଚ ଆସନ ଲାଭ କରିଅଛନ୍ତି । ପ୍ରକୃତପକ୍ଷେ ଏମାନେ ସେ ସମ୍ମାନର ଯୋଗ୍ୟ । ଆହୁରି ଅନେକେ ଅନେକ କବିତା ଲେଖିଅଛନ୍ତି; କିନ୍ତୁ ଏମାନଙ୍କ ସମାନ ଆସନ ଆଉ କେହି ପାଇ ପାରି ନାହିଁ । ଏ ତିନି ଜଣଙ୍କୁ ତୁଳନା କରିବାର ସ୍ଥାନ ଏ ନୁହେଁ । କେବଳ ଉପେନ୍ଦ୍ରଭଞ୍ଜଙ୍କ ସମ୍ବନ୍ଧରେ ଆମ୍ଭମାନଙ୍କ ମତ ଏଠାରେ ବ୍ୟକ୍ତ କରିବୁ । କୌଣସି ବ୍ୟକ୍ତିକୁ ନ୍ୟାଯ୍ୟ ଅଧିକାର ବା ଉଚିତ ପ୍ରାପ୍ୟରୁ ବଞ୍ଚିତ କରିବା ଯେପରି ଗର୍ହିତ, କାହାରିକୁ ଅଯଥାର୍ଥ ପ୍ରଶଂସା ବା ସମ୍ମାନ ଦେବା ମଧ୍ୟ ସେହିପରି ଗର୍ହିତ । ଏକପକ୍ଷରେ ଜନ୍ମକଥା, ଅପର ପକ୍ଷରେ ସ୍ତାବକତା । ଉଭୟ ପରିତାଜ୍ୟ ।

ଆମ୍ଭମାନଙ୍କ ଦେଶରେ କୌଣସି କଥା ଅଛି, "ଅନ୍ଧ ଝୁଲଣା, ଓଲଟଣା ମେଲଣା, କେନ୍ଦ୍ରାପଡ଼ା ରାମଚରଣ, ଘୁନ୍ଧୁଘୋର୍ଦ୍ଦନ ତନନ" ଏସବୁ ଆଉ କେଉଁଠାରେ

ନାହିଁ । ସେହିପରି ସେବେ ସେହି କଥା ଯେ, "ଉପେନ୍ଦ୍ରଭଞ୍ଜଙ୍କ ପରି କବି ଆଉ କାହିଁ ନାହିଁ," ବଙ୍ଗ ସହୃଦୟୀ ବାଲିୟାନେ ତାଙ୍କୁ ତାସ୍ୟରେ ଉଡ଼ାଇ ଦେବେ । ଭଞ୍ଜଙ୍କର ସ୍ତାବକ ପ୍ରାଚୀନ ଗାଁଠିଆନଙ୍କ ମୁଖରୁ ଶୁଣାଯାଏ, "ଉପେନ୍ଦ୍ର ଭଞ୍ଜ ବୋଲେ ଝେବ ଦୁଇ ବାଦାଇ, ଥରୁତଳେ କବିପଣେ ନ ଗଣଇ କାହାକୁ" ଇତ୍ୟାଦି । ଏ ସମସ୍ତ ତାସ୍ୟାସ୍ପଦ କଥା ଭଞ୍ଜଙ୍କ ମୁଖନିଃସୃତ ବୋଇ କଦାଚ ବିଶ୍ୱାସ କରି ଯାଇ ନ ପାରେ । କେତେକ ବର୍ଷ ପୂର୍ବରେ ଆମ୍ଭେମାନେ ଯେତେବେଳେ ଭଞ୍ଜଙ୍କ କାବ୍ୟ ଆଲୋଚନାରେ ପ୍ରବୃତ୍ତ ହୋଇଥିଲୁଁ, ସେତେବେଳେ ଆମ୍ଭମାନଙ୍କର ମଧ୍ୟ ଏହିପରି ଗୋଟିଏ ଅନୁଚିତ ଧାରଣା ଜନ୍ମିଥିଲା । ବର୍ତ୍ତମାନ ସେ ଭ୍ରମ ଦୂର ହୋଇଅଛୁ, ଆମ୍ଭେମାନେ ଭଞ୍ଜଙ୍କୁ ତାଙ୍କର ଉଚିତ ପ୍ରାପ୍ୟ ଦେବାକୁ ଶିଖା କରିଅଛୁଁ ।

ଆମ୍ଭେମାନେ ସାଧାରଣତଃ ଦୁଇ ଶ୍ରେଣୀର କବି ଦେଖିବାକୁ ପାଉଁ । ଏକ ଶ୍ରେଣୀର କବି ଆପଣାର ଦେଶ ଓ ସମୟର ସୀମା ମଧ୍ୟରେ ଥାଇ କାବ୍ୟ ପ୍ରଣୟନ କରନ୍ତି—ସୁତରାଂ ସେମାନଙ୍କ କାବ୍ୟ ସବୁ ଦେଶ ବା ସବୁ ସମୟର ଉପଯୋଗୀ ହୋଇ ପାରେ ନାହିଁ । ରୁଚିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସେମାନଙ୍କ କବିତା ପ୍ରତି ଜନ-ସାଧାରଣଙ୍କର ଅନାସ୍ଥା ଜନ୍ମେ । ଅନ୍ୟ ଏକ ଶ୍ରେଣୀର କବି ଦେଶକାଳର ସୀମା ଅତିକ୍ରମ କରି ବିଶ୍ୱମୋହିନୀ କଳ୍ପନା ବଳରେ ମହାରସମୟୀ କବିତା ରଚନା କରି ସମସ୍ତ ମନୁଷ୍ୟଜାତିର ହୃଦୟରେ ଉଚ୍ଚ ଆସନ ଲାଭ କରନ୍ତି । କୌଣସି ଦେଶ ବା କୌଣସି କାଳ ସେମାନଙ୍କ ସ୍ଥାନ ହ୍ରାସ କରି ପାରେ ନାହିଁ—ତାହା ଉତ୍ତରୋତ୍ତର ବୃଦ୍ଧି ପ୍ରାପ୍ତ ହୁଏ । ଏହି ଶ୍ରେଣୀର କବିମାନେ ପ୍ରକୃତ "ମହାକବି" ଅଖ୍ୟାର ଯୋଗ୍ୟ । ଏମାନେ କେବଳ ସୌନ୍ଦର୍ଯ୍ୟପ୍ରକାଶକ ନୁହନ୍ତି—ମାନବସମାଜର ଶ୍ରେଷ୍ଠ ଶିକ୍ଷାଗୁରୁ । ପ୍ରଥମ ଶ୍ରେଣୀର କବିମାନଙ୍କ ଲେଖାରେ ଯେ ଦ୍ୱିତୀୟ ଶ୍ରେଣୀର ଭାବ ଅଦୌ ନ ଥାଏ, ଏପରି ନୁହେ—ମାତ୍ର ତାହାର ପରିମାଣ ଅତି ଅଳপ । ଆମ୍ଭମାନଙ୍କ ଭଞ୍ଜଙ୍କର "ଦେଶକାଳାତୀତ" କବି ନୁହନ୍ତି, ସେ "ଦେଶକାଳ"ର କବି ।

ଉଦ୍ଧିଖିତ ମତର ସପକ୍ଷରେ ବର୍ତ୍ତମାନ ବକ୍ତବ୍ୟ ଉଲ୍ଲେଖ କରି ଯାଇ ପାରେ । ୧ମ, ଭଞ୍ଜଙ୍କ କବିତାକୁ ଭାଷାନ୍ତର କଲେ ତାହାର ସମ୍ୟକ୍ ମର୍ଯ୍ୟାଦା ରକ୍ଷିତ ହେବ ନାହିଁ । ପୃଥିବୀର ମହାକବିମାନଙ୍କ କବିତାମାନ ନାନା ଭାଷାରେ ଅନୂଦିତ ହୋଇ ନିଜ ନିଜ ମହତ୍ତ୍ୱ ଅକ୍ଷୁଣ୍ଣ ରଖିବାକୁ ସମର୍ଥ ହୋଇଅଛନ୍ତି । ଭଞ୍ଜଙ୍କ କବିତା ବିଶେଷ ଭାବରେ ଏ ପରୀକ୍ଷାର ଅନୁପଯୋଗୀ । ଅସ୍ତୁ, ଭଞ୍ଜଙ୍କ କାବ୍ୟରେ ସାରସଙ୍କଳନ କଲେ ତାହାର କାବ୍ୟତ୍ୱର କଛୁମାତ୍ର ଅବଶିଷ୍ଟ ରହେ ନାହିଁ । ମହାକବିମାନଙ୍କ କାବ୍ୟର ଉପାଖ୍ୟାନ ମାତ୍ର ସଙ୍କଳିତ ହୋଇ ପାଠକସମାଜର ମନ ପ୍ରାଣ ବିମୋହିତ କରୁଅଛି ଏବଂ ଜଗତକୁ ଅମୂଲ୍ୟ ଶିକ୍ଷା ପ୍ରଦାନ କରୁଅଛି । ସୁତରାଂ ରଘୁବଂଶ, କୁମାରସମ୍ଭବ, ଶକୁନ୍ତଳା, ଉତ୍ତରଚରିତ ପ୍ରଭୃତି ଯେଉଁ ହିସାବରେ ସାହିତ୍ୟ, ଭଞ୍ଜକାବ୍ୟଗୁଡ଼ିକୁ ସେହି ହିସାବରେ ଆଲୋଚନା କଲେ ସେମାନଙ୍କର ମର୍ଯ୍ୟାଦାରକ୍ଷା ଅସମ୍ଭବ ହୋଇ ପଡ଼େ । ଫଳ କଥା, ସେଥିରେ କଳ୍ପନାବୈଚିତ୍ର୍ୟ ଅଧିକ ନାହିଁ ।

ରଙ୍କଙ୍କ ଶକ୍ତି, ସାମର୍ଥ୍ୟ ଓ ଶ୍ରମ ପ୍ରଧାନତଃ ରଚନାପ୍ରଣାଳୀରେ ପର୍ଯ୍ୟବସିତ ହୋଇଅଛୁ । ସେଥିରେ ତାଙ୍କର ବାହାଦୁରୀ ଯଥେଷ୍ଟ ଅଛୁ । ସତ୍ୟ କଥା କହିବାକୁ ଗଲେ, ଏପରି ଶବ୍ଦପାଣ୍ଡିତ୍ୟ ପୃଥିବୀରେ କେତେ ଜଣଙ୍କର ଅଛୁ କହିଯାଇ ନ ପାରେ । କିନ୍ତୁ ରଚନାରେ ନାନାପ୍ରକାର କଠିନ ଘଉର ସମାବେଶ ଯୋଗୁଁ ତାଙ୍କ ରଚନାପ୍ରଣାଳୀ ମଧ୍ୟ ସ୍ୱାସ୍ଥ୍ୟକର ମଧୁରତା ହରାଇ ନଡାନ୍ତ ଦୁର୍ବୋଧ୍ୟ ହୋଇ ପଡିଅଛୁ । 'ଅବଙ୍ଗ', 'ସବଙ୍ଗ', 'ତିରଙ୍ଗ', 'ସଶ୍ଲେଷ୍ଟକ', 'ଅଶ୍ଲେଷ୍ଟକ', 'ଦତ୍ତାକ୍ଷର','ଦତ୍ତଚ୍ୟୁତାକ୍ଷର'; 'କ' ଜସ୍ମ, 'ବ' ଜସ୍ମ ପ୍ରଭୃତି ଶବ୍ଦକସରତ୍—ପାଣ୍ଡିତ୍ୟର ପରାକାଷ୍ଠକ ମାତ୍ର; ପ୍ରକୃତ କବିତ୍ୱ ସଙ୍ଗେ ଏମାନଙ୍କର କେଣି କଛୁ ସମ୍ପର୍କ ନାହିଁ । ଯେଉଁ ବ୍ୟକ୍ତି ଏହି ସବୁ ଅସ୍ୱାସ୍ଥ୍ୟକର ଜସ୍ମ ପ୍ରତି ଅତ୍ୟଧିକ ଦୃଷ୍ଟି ପ୍ରଯୋଜନ କରିବ, ସେ କବିତାର ପ୍ରାଣ ସେ ଲାଭ କରି ତାହା ପ୍ରତି ସମୁଚିତ ଦୃଷ୍ଟି କାହିଁ ରକ୍ଷା ପାରିବ ? କବିମାନେ ଛନ୍ଦାଦର ଅନୁରୋଧରେ ପ୍ରଲବଶେଷରେ ବ୍ୟାକରଣ ଜସ୍ମ ଲଘନ କରିଥାନ୍ତି । ମାତ୍ର ଏଭଳି ଉଚ୍ଛିଷ୍ଟ କାରଣରୁ ତାହା ପୂର୍ଣ୍ଣମାତ୍ରାରେ ଲଘନ କରିବାକୁ ବାଧ୍ୟ ହୋଇଅଛନ୍ତି । ସେ ଯାହାହେଉ ଏ ସମସ୍ତ ଗଉ ଜରୁରିରେ କଥା କହିବା ଏକ ମଲ୍ଲ ଉପରେ ଖଣ୍ଡା ମାରିବା ସମାନ କଥା । ଯେହେତୁ ଅଧୁନିକ କୌଣସି ଲେଖକ ସେ ସବୁ ଅବଲମ୍ବନ କରୁ ନାହାନ୍ତି ବା କରିବାକୁ ପ୍ରସ୍ତୁତ ନୁହନ୍ତି ।

ଅଦରପ ସମ୍ବନ୍ଧରେ ଉତ୍କଳର ଚତୁର୍ଦ୍ଦଶବର୍ତ୍ତୀ କବିମାନଙ୍କ ପନ୍ଥା ଅବଲମ୍ବନ କରି ସମସ୍ତ ପ୍ରାଚୀନ ଗୁରୁମାନଙ୍କୁ ଅତିକ୍ରମ କରି ଅନେକ ଦୂର ଗଲି ଯାଇଅଛନ୍ତି । ପ୍ରାଚୀନ ମହାକବିମାନେ ଅଶ୍ଲୀଳତା ଦୋଷରୁ ମୁକ୍ତ ନୁହନ୍ତି ବା ସେମାନେ ସେ ସମସ୍ତ ବିଷୟକୁ ପବିତ୍ର ଭାବରେ ଦେଖିଥିଲେ; ସୁତରାଂ ଉହାଃ ଅଦରପ ବା ଅଶ୍ଲୀଳତା ଦୂଷଣୀୟ ନୁହେ, ଏହା ଅଦୌ ପ୍ରଶସ୍ତ ଯୁକ୍ତି ନୁହେ । ବିଷୟକୁ ଅମୃତ ଜ୍ଞାନ କଲେ ତାହାର ନାରସ୍ୟକତାର ଉତରଦାୟିତ୍ୱ ହୁଏ ନାହିଁ । ନାରୀର ରୂପବର୍ଣ୍ଣନା ବା ସ୍ତ୍ରୀପୁରୁଷର ପ୍ରେମବର୍ଣ୍ଣନା ହେଲେ ଯେ ଅଶ୍ଲୀଳ ଓ ଅପାଠ୍ୟ ହେଲା, ତାହା ନୁହେ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ସୁଦ୍ଧା ଗୋଟିଏ ସ୍ୱାସ୍ଥ୍ୟକର ଲଜ୍ଜାର ସୀମା ଅଛୁ, ସେ ସୀମା ଲଘନ କଲେ ଦୂଷଣୀୟ ହେଲା । ଏ ସମ୍ବନ୍ଧରେ ମନୁଷ୍ୟ କଳ୍ପନା ଯେତେଦୂର ଯାଇ ପାରେ, ତତ କବି ସେତେ ଦୂର ଅନୁସରଣ କରିବାକୁ ଚେଷ୍ଟା କରି ନାତାନ୍ତି । ତାଙ୍କର ଉଦ୍ଦେଶ୍ୟ ଯାହା ଥାଉ, ଉତ୍କଳୀୟ ବର୍ଣ୍ଣନାଗତକ ସେ ପ୍ରବୃତ୍ତିର ଉତ୍ତେଜକ, ଏହା କେହି ଅସ୍ୱୀକାର କରି ପାରିବ ନାହିଁ । ପ୍ରକୃତ ଗଠିତଚରିତ୍ର ବ୍ୟକ୍ତି ପକ୍ଷରେ ତାହା ହାନିକର ନ ହୋଇ ପାରେ; କିନ୍ତୁ ସେପରି ବ୍ୟକ୍ତି ସଚରାଚର କେତେ ଜଣ ମିଳନ୍ତି ? ସହସ୍ରପ୍ରକାର ଚେଷ୍ଟାରେ ନବୋଧ କଲେ ମଧ୍ୟ ଯେଉଁ ପ୍ରବୃତ୍ତି ମୁହୂର୍ତ୍ତକେ ମନୁଷ୍ୟକୁ ଦଗା ଦିଏ, ତାହାକୁ ଏପରି ଉନ୍ମୁକ୍ତ ସ୍ଥାନରେ ଛାଡ ଦେଲେ କେତେବେଳେ ଯେ ଏ ପ୍ରମାଦ ଘଟିବ, ତାହା କିଏ କହି ପାରେ ?

ଉତ୍କଳ କାବ୍ୟ ଆଲୋଚନାରେ ଯେତେ ସମସ୍ତ ଓ ଶ୍ରମ ଆବଶ୍ୟକ, ସେଥିରେ ତଦନୁରୂପ ଫଳଲାଭର ଆଶା ଅଛୁ କି ନାହିଁ, ତାହା ପରୀକ୍ଷା ନ କଲେ କୁହା ଯିବ

BCU 1604

ନାହିଁ । ପ୍ରଚଳିତ ଅନ୍ଧବିଶ୍ୱାସର ଅଧୀନ ହୋଇ କୌଣସି କଥା କହିଦେଲେ ଚଳିବ ନାହିଁ । ଭଞ୍ଜଙ୍କ ଯୁଗ ଓ ଆମ୍ଭମାନଙ୍କ ଯୁଗ ଏକା ନୁହେଁ । ଏ ଯୁଗର ମଞ୍ଚରେ ପଣ୍ଡିତ କେତେ ଜଣ ବ୍ୟକ୍ତି ଏତେ ତ୍ୟାଗସ୍ୱୀକାର କରିବାକୁ ପ୍ରସ୍ତୁତ, ଆମ୍ଭମାନଙ୍କୁ ଜଣା ନାହିଁ ।

କେହି କେହି କହନ୍ତି ଯେ, ଭଞ୍ଜଙ୍କ କବିତା ବିଦ୍ୟାଳୟମାନଙ୍କରେ ପାଠ୍ୟପୁସ୍ତକରୂପେ ବ୍ୟବହୃତ ନ ହେବ କାହିଁକି ? ସେମାନଙ୍କର ଯୁକ୍ତି ଏହି ଯେ, ଆଦରସ ଥ୍ରଲେଟ୍ଟଁ ଯେତେବେଳେ ଶକୁନ୍ତଳା ପ୍ରଭୃତି ପାଠ୍ୟପୁସ୍ତକ ହୋଇଅଛି, ସେତେବେଳେ ଭଞ୍ଜଙ୍କ କବିତାର ଅପରାଧ କଣ ? ସେମାନଙ୍କ ଯୁକ୍ତିର ଉତ୍ତର ଆମ୍ଭେମାନେ ଉପରେ ଦେଇଅଛୁଁ । ଏଠାରେ ଏତଦ ବକ୍ତବ୍ୟ ଯେ, କେବଳ ଦୁଇଥରେ ସମାନ ଦୋଷ ଅଛି, ଏକଥା କହିଲେ ଚଳିବ ନାହିଁ । ଗୁଣ ବିଷୟରେ ଦୁହେଁ ସମାନ କି ନା, ଏକଥା ତୁଳନା କରି ଦେଖାଇ ଦେବା ଆବଶ୍ୟକ । ସେ ତୁଳନାର ଭାର ଉକ୍ତ ମତସମର୍ଥନକାରୀମାନଙ୍କ ଉପରେ; ଆମ୍ଭେମାନେ ଏତଦ ମାତ୍ର କହିବୁଁ ଯେ, ଶକୁନ୍ତଳା ପ୍ରଭୃତିର ଦୋଷଗୁଣ—

"ନମନ୍ତ୍ୟଗଚ୍ଛନୋଃ ଚରଣେଷ୍ୱିବାମ୍ଭଃ"

ପୁଣି ଭଞ୍ଜ ପ୍ରଭୃତି ପ୍ରାଚୀନ ଉତ୍କଳୀୟ କବିମାନଙ୍କ କବିତାକୁ ପାଠ୍ୟପୁସ୍ତକ କରିବାର ଚେଷ୍ଟା ଯେ ହୋଇ ନାହିଁ ଏମନ୍ତ ନୁହେଁ । ଆମ୍ଭେମାନେ ଶୁଣିଅଛୁଁ, କୌଣସି କୌଣସି ବଙ୍ଗ ବ୍ୟକ୍ତି ପ୍ରାଚୀନ କବିତା-ପୁସ୍ତକମାନଙ୍କରୁ ବିରଳ ଅଂଶମାନ ସଙ୍ଗତ କରି ଶୀଘ୍ର ପାଠ୍ୟପୁସ୍ତକ ପ୍ରକାଶ କରିବାର ଚେଷ୍ଟା କରି ଅକୃତକାର୍ଯ୍ୟ ହୋଇଅଛନ୍ତି । ଭଞ୍ଜଙ୍କ ବୈଦେହୀଶବିଳାସ ନର୍ମାଲସ୍କୁଲର ପଦ୍ୟସାହିତ୍ୟ ସ୍ଥାନରେ ଦିଆ ଯାଇଥିଲା; ମାତ୍ର ଶିକ୍ଷକମାନଙ୍କ ଅପରାଧରେ ପୁଣି ତାହା ରହିତ ହେଲା । ଏତେବେଳେ ସୁଦ୍ଧା ଯେବେ କେହି ଉକ୍ତ ପୁସ୍ତକମାନଙ୍କରୁ ପାଠୋପଯୋଗୀ ଅଂଶମାନ ସଙ୍ଗତ କରି କୃତକାର୍ଯ୍ୟ ହୁଅନ୍ତି, ସୁଖର କଥା ।

ତେବେ ଭଞ୍ଜଙ୍କ ରଚନାପ୍ରଣାଳୀ ବର୍ତ୍ତମାନ ରୁଚି ଅନୁସାରେ ଦୋଷଯୁକ୍ତ ହେଲେ ମଧ୍ୟ ସେଥିରେ ଶିକ୍ଷଣୀୟ ଅନେକ କଥା ଅଛି । ଉଚ୍ଚସ୍ତରୀୟ ବଳିଷ୍ଠ ସୁନ୍ଦର ସୁନ୍ଦର କବିତ୍ୱ ମଧ୍ୟ ଅଛି । ଆମ୍ଭେମାନେ ଏ କଥା ମୁକ୍ତକଣ୍ଠରେ ସ୍ୱୀକାର କରିବୁଁ ଯେ, ଅବସରକ୍ରମେ ସେ ସମସ୍ତ ପୁସ୍ତକ ଆଲୋଚନା କରିବା ଉଚ୍ଚଶିକ୍ଷାନୁରାଗୀ ବ୍ୟକ୍ତିମାନଙ୍କ ପକ୍ଷରେ ଅଶେଷ ହେବ ନାହିଁ ।

ବର୍ତ୍ତମାନ ଆମ୍ଭେମାନେ ଉପସ୍ଥିତ ବିବାଦ ସମ୍ବନ୍ଧରେ ଦୁଇ ଚାରି କଥା କହି ଏ ପ୍ରବନ୍ଧର ଉପସଂହାର କରିବୁଁ । ଗଦ୍ୟନାରସ୍ପଣ ବାବୁ ଓ ଗୋଲକଧନା ଉତ୍କଳଙ୍କ ଲେଖାରେ ଆମ୍ଭମାନଙ୍କର ଯଥେଷ୍ଟ ସନ୍ଦାନୁ ରୁଚି ଅଛି । କାରଣ ଉଭୟେ ଯୁକ୍ତିପଥାବଲମ୍ବୀ । କେବଳ ମଧ୍ୟରେ ସେଉଁମାନେ ବଦ୍ଧମୂଳ ବିଷଜର୍ଜରିତ ଅଶ୍ରଦ୍ଧା ନିକ୍ଷେପ କରି

GS 2295

ବାଦର ମାଡ଼ା ବଢ଼ାଇଅଛନ୍ତି, ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରି ନ ପାରୁଁ । ଆମ୍ଭେମାନେ ସେ ସମ୍ବନ୍ଧରେ ଅଳ୍ପ କିଛି ନ କହି ସେମାନଙ୍କୁ ଏଥିରୁ ଖାଲ୍ ଦେବାକୁ ବଙ୍ଗଭାଷାରେ ଅନୁରୋଧ କରୁଅଛୁଁ । ଦୁଇଜଣ ସାହିତ୍ୟରେ ଅଭାବର ସଂଖ୍ୟା ନାହିଁ । ତେବେ ଏପରି ଅସାର ବିଷୟରେ ଶକ୍ତି ଓ ସମୟର ଅପବ୍ୟୟ କାହିଁକ ?

ରାମନାରାୟଣ ବାବୁଙ୍କ ସମାଲୋଚନା ସମ୍ବନ୍ଧରେ ଆମ୍ଭମାନଙ୍କର ବିଶେଷ କିଛି ବକ୍ତବ୍ୟ ନାହିଁ । ତେବେ ଯେ ଉପେନ୍ଦ୍ରଭଞ୍ଜଙ୍କ ଦୋଷଗୁଡ଼ିକ ସେତେ ଭଲ ଭଲ କରି ଦେଖାଇଅଛନ୍ତି, ସେପରି କରିବା ଆବଶ୍ୟକ ନ ଥିଲା । ଯେଉଁମାନେ ଅନ୍ଧ ଭଞ୍ଜଙ୍କ ପକ୍ଷ ସମର୍ଥନ କରିବାପାଇଁ କମର ବାନ୍ଧିଅଛନ୍ତି, ସେମାନେ ମଧ୍ୟ ପ୍ରକୃତପକ୍ଷେ ଉକ୍ତ ଦୋଷମାନଙ୍କୁ ଗୁଣ ବୋଲି ମନେ କରନ୍ତି କି ନାହିଁ, ସନ୍ଦେହ ବିଷୟ । ଅନ୍ୟତଃ ପ୍ରକାଶ୍ୟରୂପରେ ସାହିତ୍ୟରେ କେହି ଉପେନ୍ଦ୍ରଭଞ୍ଜଙ୍କୁ ଗୁରୁପଦରେ ଅଭିଷିକ୍ତ କରିବାକୁ ପ୍ରସ୍ତୁତ ନୁହନ୍ତି । ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଯେ, ବର୍ତ୍ତମାନ ଲେଖକମାନଙ୍କ ମଧ୍ୟରେ କେହି କେହି ଭଞ୍ଜଙ୍କ ଗୁରୁସ୍ଥାନ ଅଧିକାର କରି ବସିଲେଣି । ଅଧ୍ୟାତ୍ମିକ ବ୍ୟାଖ୍ୟାବ୍ୟାଜ ସ୍ୱାଭାବିକ ଓ ବିକୃତ ଅଂଶମାନଙ୍କୁ ସାଦୃଶ୍ୟରେ ଓ ବିକୃତରେ କରି ଜନସାଧାରଣଙ୍କ ନିକଟରେ ଉପସ୍ଥିତ କରି ଯାଇଅଛନ୍ତି । କେହି ଥରେ ଧୀରତ୍ୱରେ ପରୀକ୍ଷା ଚଳାଇବାକୁ ନାହିଁ । ପ୍ରକୃତପକ୍ଷେ ଭଞ୍ଜଙ୍କ କବିତାରେ ଯେଉଁ ମହତ୍ତ୍ୱ, ସରଳତ୍ୱରେ ସେଉଁ ଦେଖାଇଦଅ, ଏପରି କପଟଯୁକ୍ତିରେ କଣ ହେବ ? ଏଦ୍ୱାରା କେବଳ ଆପଣାର ଅସାରତା ଓ ଅଯଦାର୍ଥତା ପ୍ରତିପାଦିତ ହେଉଅଛି । ଆଧୁନିକ ସମାଲୋଚନାର କଠୋର ପରୀକ୍ଷାରେ ପକାଇଲେ ଭଞ୍ଜଙ୍କ ମହତ୍ତ୍ୱ କେତେ ଯାଇପଡ଼ିବ ? ରାମନାରାୟଣ ବାବୁ କେବଳ ଆଧୁନିକ ଲେଖକମାନଙ୍କ ଦୃଷ୍ଟାନ୍ତ ଦେଖାଇ ନାହାନ୍ତି, ପୂର୍ବବର୍ତ୍ତୀ ସ୍ୱପ୍ନଭଙ୍ଗକବିମାନଙ୍କ ଦୃଷ୍ଟାନ୍ତ ମଧ୍ୟ ଦେଇଅଛନ୍ତି । ସୁତରାଂ ତାଙ୍କ ଅଭିପ୍ରାୟରେ ଦୋଷାରୋପ କରିବା ଯୁକ୍ତିସଙ୍ଗତ ବୋଧ ହେଉ ନାହିଁ । ପୁଣି ରାମନାରାୟଣ ବାବୁ ପ୍ରବନ୍ଧର ଉପସଂହାରକାଳରେ କଣ କହିବେ, ଜଣା ନାହିଁ । ଏପର୍ଯ୍ୟନ୍ତ ଯେ ଦୋଷଭାଗ ପ୍ରତି ବେଶି ଦୃଷ୍ଟି ଦେଇଅଛନ୍ତି । ଗୁଣ ଯେ ଅଦୌ ଦେଖାଇ ନାହାନ୍ତି, ତାହା ନୁହେ । ତେବେ ତୁଳନାରେ ସେ ଅଂଶ ଅତି ଅଳ୍প । ତାଙ୍କ ପ୍ରଦର୍ଶିତ ଦୋଷଗୁଡ଼ିକ କଣ ଦୋଷ ନୁହେ ? ସେ ତ କେବଳ ଅଶ୍ଳୀଳତା ଦୋଷ ଦେଖାଇ ନାହାନ୍ତି ? କାବ୍ୟଗତ ଅନେକ ଦୋଷ ଦେଖାଇଅଛନ୍ତି । ସବୁଗୁଡ଼ିକ ଆଲୋଚନା କରି ତାଙ୍କର ଭ୍ରମ ଦେଖାଇଦେବା ଉଚିତ କାର୍ଯ୍ୟ । ସାଧାରଣ ଲୋକେ ଭଞ୍ଜଙ୍କ କବିତା "ଅତି ଝୁଲଣା, ଓଲଟଣା ମେଲଣା" ପରି ଜ୍ଞାନ କରନ୍ତି । ଯେଉଁମାନେ ଶିକ୍ଷା ପ୍ରାପ୍ତ ହୋଇ ନାନା ଭାଷାରେ ନାନା କାବ୍ୟ ପାଠ କଲେ, ସେମାନଙ୍କର ମଧ୍ୟ ଏ ଭ୍ରାନ୍ତି ଦୂର ହେଲା ନାହିଁ !

ବାଇମହାନ୍ତ ପାଞ୍ଜି

(By Gopal Chandra Praharaj.)

ପଞ୍ଚମବର୍ତ୍ତା

'ଧୋବଧାଉଚଅ ଗେର କରନ୍ତୁ, ରଙ୍କୁଣୀ ଦେଖିଲେ ମାର ଗୋଡ଼ାନ୍ତୁ', 'ଗରବର ମାଇପ ସମସ୍ତଙ୍କର ଝାପଗ୍', ଏ ପ୍ରବାଦଗୁଡ଼ିକ ଅକ୍ଷରେ ଅକ୍ଷରେ ସତ୍ୟ। ଶାଙ୍କରକ ଲଘ ମାଇନା (ଶବ୍ଦବ୍ୟବଚ୍ଛେଦ) ନମନ୍ତେ ଯେପର ଡାକ୍ତରଖାନା ଅଛୁ, ମାନସିକ ପ୍ରବୃତ୍ତିଗଡ଼ିକ ମାଇନା କରିବା ନମନ୍ତେ ସରକାରଙ୍କର ଗୋଟିଏ ଡାକ୍ତରଖାନା ବସାଇବାର କ୍ଷମତା ଥିଲେ ଆଉ ଉବନା ଥିଲା କଣ ? ଯେଦନ ଅମ ଗ୍ରାମର ଗ୍ରନ୍ଥି ମଲକ ଯେଃକବଳରେ ଅନ୍ଧାର ଘରେ ନଡଅଃଏ ଡୋର ଖାଇଥିଲା ବୋଇ ଉନ ମାସ ମାସୁରରେ ପଣା ଯେଇଲା ଓ କଡା ବାଡ଼େଇଲା, କନ୍ତୁ ଗଦା ଗଦା ଃକା ସୁନା କଏ କେଉଁଅଡ଼େ ଧନ ଦୁଇଘରେ କୋହ ନେଇ ଯାଇଅଛୁ, କେହ ସ୍ୱଦ୍ଧା ପଗ୍ଧରବାକୁ ନାହିଁ। ତେବେ ପ୍ରଭେଦ ନାହିଁ କଣ ? ମଲକ ବଡଗ୍ରର ପରଧାନ ଖଣ୍ଡେ ଚର୍ ବୌଘୀନ, ବାହ୍ମାନଙ୍କ ପରଧାନ ଇସ୍ତିରକଗ୍ ଫୁଲ୍ଦାର କମିକ ଓ ଗିଲ୍ କୁଆ ସିମିଇଆ ଚଦର; ମଲକପୁଅର ଯେଃ ଜଲଲ୍ ବୋଇ ଗେର କଲ. ବଡ଼ଲୋକ-ମାନେ ଲୈବ ଓ ସଉକରେ ଗେର କରନ୍ତୁ । ତା ନ ତେଲେ କ 'ଯାଂମ୍ବଂ ଶାସ୍ତ୍ର ଦଦୌ ତନ୍ତ୍ରାଂ ଶାତାମ୍ବଂ ଯତ୍ ଶରଲଂ ପପ୍ରୋଃଃ।' ମହାକାର ଅଲେକ୍ଜାଣ୍ଡରଙ୍କ ମସ୍ତକରେ ରତ୍ନଖଚିତ ସ୍ୱଜମୁକୁଟ, ଗେର ଗୋଡ଼ରେ ଲୁତା ବେଡ଼ୀ, ପ୍ରଭେଦ ମଧ୍ୟରେ ଏତକ। ଏହା ପ୍ରଭେଦ କ ଅଭେଦ, ତାହାର ନଶ୍ଚତ୍ତି ଅପଣମାନଙ୍କ ଉପରେ। ତେବେ ଗୋଟିଏ କଥା—କଏ କଣ ସୁଖରେ ଗରବ ହୁଏ ? ଧର୍ମଗ୍ରନ୍ଥକୁ ଭଗବାନ୍ ପ୍ରଶ୍ନ କରିଥିଲେ; ଧର୍ମଗ୍ରନ୍ଥ ଉତ୍ତର କରିଥିଲେ କ 'ମଲରେ ଏକା କଥା, କାର୍ଯ୍ୟରେ ତେବେ ଯାହା ପ୍ରଭେଦ।' ଏ ତ ଗୁରୁ ଗୋଳମାଳିଆ । ତେବେ କଣ ନା, ରଜା ଗୁରୁଲ ଗେବେଇଲେ 'ବାତ ପିତ୍ତ ନାଶନଂ', ଗରବ ଗୁରୁଲ ଗେବେଇଲେ 'ବକଲାଃଃଏ'। ପାଠକ ଅବଧାନ ! ଜଗତ୍ରରେ ବୁଝି ଯାଇଥିବେ, ସବୁବେଳେ ସାପ ମାରି ପର ଗଲାରେ ପକାଇ ଦେଲେ ଉତ୍ତର କଥର ? ଜଣେ ଜମିଦାର ଗୋଟିଏ ଯୋଗ୍ୟ ବୁଝୁଥିଲେ. ଗମା କଣ୍ଡଗ ଜମିଦାରଙ୍କ ଉଆସ ପଛଆଡ଼ କଲରେ ଶବ୍ଦ କରୁ କରୁ ଯଦେ ଦାଇକା ଗାଇ ଦେଇଥିଲ ବୋଲ ଡାକୁ ପାଃଃକା ଚୋରମାନେ କଲେ, କନ୍ତୁ ଗମା କଣ୍ଡଗର ସାଆନ୍ତବାପା, ଗରୁଗୋସେଇଁ, ଓସ୍ତାଚର ଓସ୍ତାଦ୍ ସାଆନ୍ତଙ୍କ ନଥର ଉତରେ ଜଡ୍ୟ ଗ୍ରାସ ଲଗାଇଅଛନ୍ତି, ଏପର କ ସାଆନ୍ତଙ୍କ ଶଅଙ୍କରେ ଘାରୁଡ଼ି ଲଗିବାର ମଧ୍ୟ ଆଶ୍ଚର୍ଯ୍ୟ ନୁହେ । ବୁଝୁଛ କଏ ବା ବୁଝାଉଛ କଏ ! ଗମା କରଣ ଗରବ, ତା ଘରେ ଧନ ନାହିଁ, ତାପାଇଁ ଓକାଲ ମୁକ୍ତାର ନାହାନ୍ତି, ତାପାଇଁ ଅଇନ ଦଫା ନାହିଁ, ସ୍ୟାରସ ନାହିଁ, ଅଛି କେବଳ ଧର୍ମ; କନ୍ତୁ ସେ ଏକପ୍ରକାର ଉଳଙ୍ଗିବ, ଏ କାଳରେ

ନୁହେଁ, କେବେ ହେବ ବା ହୋଇ ପାରେ ! ଧନ୍ୟ ସଂସାର ! କବେକ ଅଛ କାହାର ? କବେକକୁ ଜଳାଞ୍ଜଳି ନ ଦଏ କଏ ? ସରକାରଙ୍କର ପ୍ରଜାକାରତେ ଦୁଃଖ ନାହିଁ, ତେଜୀ ନଡିଆଗଛକୁ ଲଗି ନ ପାରଲେ ଲଗିର ତ ଦୋଷ ନାହିଁ । ଆପଣ ମୁରୁକ ମୁରୁକ ହସି ମଲେ ମନେ କରୁଛନ୍ତି, 'ତେବେ କଣ ତେଜୀ ନଡିଆଗଛର ଦୋଷ ?' ଫଳ କଥା, ଧନୀ ଦରିଦ୍ର, ଶିକ୍ଷିତ ଅଶିକ୍ଷିତ, ସଭ୍ୟ ଅସଭ୍ୟ, ବୃଦ୍ଧ ବାଳକ ପ୍ରଭେଦ ଖୁବ କମ । ଶିକ୍ଷିତ କହୁଛନ୍ତି ଯୁକ୍ତି ସଙ୍ଗତ କରିବାକୁ ଚେଷ୍ଟା କରନ୍ତୁ, ଘଡ଼ରର ମହାକାଳପଲକୁ ରଙ୍ଗଃଦଃଦ ଗ୍ରେଯାରେ ଘୋଡ଼ାଇ ପକାନ୍ତୁ; ଅଶିକ୍ଷିତ ମୂର୍ଖ ସାଦା ମନକୁ ଆମେ ଜାଲୁ ଲୁଗଇ ରଖି ପାରେ ନାହିଁ । ପ୍ରଭେଦଟା କଣ ଖୁବ ବେଶି ? ଆପଣ ସଭ୍ୟ, ଆପଣ ବଡ଼ଲୋକ, ଆପଣ ରଙ୍ଗଚଙ୍ଗିଆ ସାହନ୍ ବୋଲି, ପଡ଼ ଚେନ ପିନ୍ଧ ବାସନା ତୁପ୍ତ କଲେ, ବନ୍ଦୁ ଅସଭ୍ୟର ସେହ ବାସନା 'ଚଡାଲୁଟା' ଓ ଅଠିଲ ମାଳ'ରେ ତୁପ୍ତ ହେଉଛି । ସେ ହେଉଛେଲକୁ ହେଉଛି ଦାସ୍ୟାଖ୍ୟଦ, ଆପଣ ହେଲେ ପୂଜ୍ୟ । ସେ ଜଙ୍ଗ ବାନ୍ଧଲା, ଆପଣ ଆଲବର୍ଟ ପିରେଡ଼ କାଟିଲେ, ପ୍ରଭେଦ ଏଇକା । ଏ ପ୍ରଭେଦକୁ ବଡ଼ କହନ୍ତୁ କି ଛୋଟ କହନ୍ତୁ, ଆପଣ ଜାଣନ୍ତୁ । ବାତାରର ଆଦର୍ ଜାଏଦା ହବ ଛତ ଦଅନ୍ତୁ, କଥାଟା ଧୀରେ ଧୀରେ ସମୁଝ ପାରିବେ । ଫାଙ୍କି ଦେଲେ ଅବଶ୍ୟ ଆମ୍ଭେମାନେ ନାସ୍ତର । ଏଥିରେ ସାଖୀ ଜବାନବନ୍ଦୀ, ଜେରା, ଜବାବ ସୁଆଲ, କିଛୁ ଦରକାର ନାହିଁ । ଚକ୍ଷୁଥିଲେ କି ଆପଣଙ୍କ ମୁହଁରେ ଏତେ ଭାରଟ ଦୃଶ୍ୟ ଦେଖା ଦଅନ୍ତା ? ହାତକଡ଼ ପକାଇ ଗ୍ରେପ୍ତାରକୁ ପହରାବାଲାମାନେ ଜେଲଖାନାକୁ ନେଲାବେଳେ କି ଟୋ ଟୋ କରି ହସି ହାତୁଲି କରନ୍ତେ ? କହନ୍ତେ, 'ଗଲା ଯା !' ଜଣେ ପ୍ରଧାନ କହ କହୁ-ଥିଲେ, 'ଖୁବ କମ ଥରେ ଲେଖାଏ ଜେଲଖାନା ନ ଯାନ୍ତା, ଏପରି ଲୋକ ଦୁନିଆରେ ଅଉ ଅଛି !' ଏ ଜେଲଖାନାରେ ତ ଦଶେ ଓଳଏ ବନ୍ଦୀ, ଅସଲ ଜେଲଖାନାରେ ଘଣ୍ଟାପେଲା, ଜଡାଦାଉଆ, ଚେକିଲୁଟା ଚରଜୀବନ ଲଗିଛି, ଲଗିଥିବ । ଏ କଥା ବୁଝେ କଏ ? ମନୁଷ୍ୟପ୍ରକୃତିର ନବଳରୁ ଥରେ ଦବ୍ୟଚକ୍ଷୁରେ ବୁଝିଲେ ଥନ୍ତା ତାମସା, ଦମ ଫେଟିଯୁକ, ହାତୁଲି ହାପସ୍ତ ରହନ୍ତା କାହିଁ ? ଆଇନ ବଳବାନର ବଳ, ନବଳର ଗଡ଼ ! 'ଯଁରିଯଥ୍ଥେନ ପଯ୍ଯପଯ୍ଯାନଂ' ଏ କଛି ନୂଆ କଥା ନୁହେଁ, 'ଯୁଗାଲୁ ଯୁଗ ଏହ୍ୟତେ, ପରମାନନ ଏ ଜଗତେ ।' ଲୁଆ ଯୋଖଙ୍ଗପାଣି କଲ ଚମ୍ପଟ, ଦଂଗ କରତ୍ତା ମଲା ! ଜଜ ଜଜ ଅନୁଭବରୁ ଗୋଟଏ ଗୋଟଏ ପଏନା ଉଲା ମିଳାଇ ଜବେକଦ୍ୱାରା ବୁଝି ନଅନ୍ତୁ, କଥାଟା ସେ ନଦାଉ ମିଛ ନୁହେଁ । 'ପ୍ରମାଣ' ମାନେ କଣ ? ସେ ଗ୍ରେପ୍ତର କରିବ, ସେ କଏଦ ହେବ । ଏଥିର ଅର୍ଥ କଣ ? ଏହାର ଅର୍ଥ :—ସେ ଗ୍ରେପ୍ତର କରିବାର ଅଦାଲତରେ ପ୍ରମାଣିତ ହେବ, ସେ [ଗ୍ରେପ୍ତର ନ କରୁ ପରକେ] ଦଣ୍ଡ ପାଇବ । ସାଖୀ ମେଳ ହେଲେ ଅସଲ କଥାକୁ ପଗ୍ଲେଇ କଏ ? ସେଥିପାଇଁ କହନ୍ତୁ, 'କହୁ ଜାଣିଲେ ବାରହାତ କାକୁଡରେ ତେର ହାତ ମଞ୍ଜି ।' 'ଉନ ମୁହଁରେ ଛେଳ ଲୁଚୁଛି' ନ ହୋଇ ସିନା କେଉଁଅଡ଼େ ? ଆପଣଙ୍କ ଛାମରେ ବା ପଡ଼ାରେ ସିନା ଗଧୂ ମଲଢ କି ଘୁମ ମଲଢ ନାହିଁ, ତେବେ ଘୁମ ଉଉଇ, ମଧୁ ଲୋଭ ତ ଥିବେ । ତ

ଏବେ କେବଳ ଆପଣଙ୍କ ଉଣ୍ଡୁ ଦୋଷରୁ । ଆପଣଙ୍କର ଚକ୍ଷୁ ନାହିଁ ବୋଇ ଆମ୍ଭମାନଙ୍କ କଥାରୁ ଯେ ବାର ବାର ଦୁଃଖ ପିବ, ଏ କଥା କେଉଁ ଦୁଶାବରେ କହିବେ ? ଆମ୍ଭେମାନେ ଗରୁ ଖାଇ ବଣିଜ ଶିଖିଛୁ କଣ ମିଛରେ ? ଯେଉଁ ଲୋକ ବହୁତ ଦେଖେ, ବହୁତ ଶୁଣେ, ସେ ଅପେକ୍ଷାକୃତ ଜ୍ଞାନୀଳ ହୁଏ ବାହିନ ? ତହିଁର କାରଣ ମାନବ-ପ୍ରକୃତିର ନଙ୍ଗଳତା-ଉପଲବ୍ଧି । ଉତ୍ତର 'ଯଥା ଖରଶ୍ଚନ୍ଦନଭାରବାହୀ ।' ବୁଝିଥାଅ, ଶୁଣିଥାଅ । କଏ ସିନା ତୁମ ଆଗରେ ଭୂତ ଥାଇ ଥୋଉ ଦେବ, ତୁମେ ନ ଖାଇଲେ କେହି ଟି ଗିଳେଇ ଦେବ ନାହିଁ । ଗିଳେଇ ତେଲେ ସେ ତପା ଧଗ ବଜା ! ଆତ୍ମରକ୍ଷା ସେ ପ୍ରଥମ ନୀତି । ପଭ୍ୟ କଏ, ଅପଭ୍ୟ କଏ ? କାର୍ଯ୍ୟତଃ କଛ ନାହିଁ । ତୁମେ ଆଗେ ମିଳ ମିଶି ଯାବା ମୁଣ୍ଡରେ ଶିରପା ଦେବା, ସେହି ସିନା ପଭ୍ୟ, ଯାହାକୁ ଗଞ୍ଜଣି ବାଡରେ ବାଡ଼େଇବା, ସେହି ସିନା ଅପଭ୍ୟ ! ଥରେ ଭଲ ଈଶ୍ୱରଙ୍କୁ ସାକ୍ଷୀ ରଖି ଭଲ ଭଲ କଥା ଦୁଇଥର କାଇ ନୀତି ଦେଖ, ସେବେ ମନୁଷ୍ୟ ତୋଉଥିବ ତେବେ ଗୋଟେ ଲୋକ, ଅସଭ୍ୟ, ଅଶିକ୍ଷିତଙ୍କଠାରୁ ଅନେକ କଥା ଶିଖି କରି ଆପଣା ଘରେ ଗାଇଥିବ । 'ଶୀରଚ୍ଛଂ ଦୁଷ୍କୁଳାଦପି' ଲେଖିଲା ବେଳେ କଣ ଗ୍ରନ୍ଥକାରଙ୍କର ବୁଦ୍ଧିରୁ ହେଉ ମତଭ୍ରମ ହୋଇଥିଲା ? ନ ହୁଏ ଯାଉଲେ ନାଗର ! ତୁମଘାଇଁ ସବୁ ବେଳେ ଦ୍ୱାର ଖୋଲା ନ ଥିବ । 'ବସିଲେ ବସ', ନଉତେ 'ବେଲହୁଁ ଖସ ।' ଲୋକେ କହନ୍ତୁ ପଛ 'ଦୂରେ ଚରନ୍ତୁ, ମୂଲେ ଚରନ୍ତୁ, ମଝିମଝିଆ ଚୁନ ମରନ୍ତୁ ।' ମୂଲକୁ ତ ଘର ଜଲଦ ଛଡି ପକାଉଅଛ । କନ୍ୟା ଦୁଇ ବୋଇ ଯାହାକୁ ମନେ କରୁଛ, ସେମାନେ ଅଧିକାଂଶ ମଝି-ମଝିଆ । ଯାହାର ଯେଉଁ ଘଣ୍ଟାକ ଯାଇ, ସେ ଘଣ୍ଟାକ ସେ ରଳା । ସୋକିନାନେ (ନାଥ) ଘର ଘର ବୁଲି 'ଧନ୍ନ, ଜନ, ଗୋପ, ଲକ୍ଷ୍ମୀ ବର୍ଦ୍ଧତ ରହେ; ବାବାକା କଲ୍ୟ ଜାଗରି ରହେ' ଦେଉଥାନ୍ତି, କନ୍ୟା କଯିଲାସ କନ୍ଦରରେ ଚନ୍ଦ୍ରଶେଖରଙ୍କଠାରେ ଶିବଗୌରି ବନି ସେମାନଙ୍କର ପଦରେ ଜଳିବା ପାଇ ପଡ଼ିଯାଏ । କାଇ ସିନା ନାଥଙ୍କୁ ମୁଠାଏ ଉଜ ଦେବାକୁ କେତେ ଜାଇ ବାହାଇ କରୁଥିଲ, ଆଜି ଆଉ ଜୁହାର ନ ହୋଇ ପିବ କେଉଁ ଆଡ଼େ ? ଦନ ପିବ ଗଇ ଅସିବ, ସୁଖ ପିବ ଦୁଃଖ ଅସିବ, 'ବାଘ ଘରେ ମିରଗର ନାଚ' ଏ ପ୍ରକୃତିର ନିୟମ । ତୁମେ କଛ ଅମର ଲତ୍ତୁ ଖାଇ ନାହିଁ । ମୁଁ କଛ କୋଳ ଖାଇ କୋଉଠି ଯୋଉ ନାହିଁ । 'କପାସିଆ ଜମାସିଆ' 'ଗୁଳର ଡାଲଗଇ ଗଇ', 'ଓଉବ ଗୁଳର ଯାଏଗା' ଏଗୁଡ଼ିକର ମର୍ମ ତୁଲଗଲେ ଅପେ ଦଃଦଃ । ଦାଣ୍ଡ ଲୋକ ଅଜ ତାକୁ ଗୁହିଁ ହସୁଛନ୍ତି, କାଲ ତୁମକୁ ଗୁହିଁ ହସିବେ । ବଡ଼ ଲୋକ ନ କରନ୍ତି କଣ ? 'ପରୋପଦେଶେ ପାଣ୍ଡିତ୍ୟଂ' ନାହିଁ କାହାର ? ପାଠକ ଅବଧାନ ! ଯୋଖାକ ଭଲଃ ଛକ ଓଲଃଇ ଘୋଲଃଇ ଦେଖି ନେଉଥିବେ, ଉପର ଖୋଳଃ ପରଶମ କରି ନ ଛଡ଼ାଇଲେ ଘଡଘର ବସୁଃ ବୁଝିବା କଷ୍ଟ । ଖୋଳଃ ଛଡ଼ାଇବା ଏକା ମନୁଷ୍ୟର । ଉଇଘର ଦୋଇ ଗୋଃଏ ଗପ୍ପ ଲେଖିବା ମହାଦୋଷ । ତୁମ ଗପ୍ପରେ ଅଜ କଥାଃ ଖଲମ ହୋଇଗଲା ବୋଇ ଯାହା ମନରେ ଗେସ କରି ବସିଛ, ସେ କଛ ନୁହେ । କହନ୍ତି ପଛ 'ମଛି ବଇଡ଼ା ଥାଇ ବୋଇଲେ ତୋ ବନ କାଳ ଅସୁଛ ।' ଉପରକୁ ଉପର ଯାହାର ଲକ୍ଷ୍ୟ । ଗୋଡ଼ ଜଖମ ଥିଲେ

ଅବଶ୍ୟ ଗୋଟାଏ ବେଳେ ପାହାଡରେ ଝଗଡ଼ି ପିବ । ଗୋଡ଼ ଖଳ୍ଦ ଥିଲେ ବଙ୍ଗା ପାହାଡ ଝପି ଜଇ ମଧ୍ୟ ମନୁଷ୍ୟ ଡେଇଁ ଗୁଦ ପିବ । ପାହାଡ କେବଳ ଅବଲମ୍ବନ ମାତ୍ର । ପଙ୍କ୍ଷାର ସ୍ଥାନ ଅଲଗା । ଖାଲି ଗପ୍ପ ଲେଖିବାର ଖମତା ଥିଲେ ଚଇବ ନାହିଁ । ଉପରୀ ଜାଇ କଉ, କୋରଣ୍ଡି ଜଲ୍ଲମ କଣ୍ଡ, ଜଲ୍ଲମ ଖତମ କର ଦଖଲ ଦେଇଦେବା ଖମତା ଥିଲେ ହୁଏ । ତା ନ ବେଳେ ଘର ଯୋଥିଗତ ବଦ୍ୟା, ଘରଦସ୍ତ ଥଉ । ସେଥିରେ ଅଘେ କେତେ ଯାଏ କେତେ ? ସେ ପହିଁଚ ଉପଯୁକ୍ତ, ତାପାଇଁ ଜୋର୍ ମଗ୍ଗା ଆଗରୁ ଧଗ୍ବଦ୍ବା ! ତୁମର ଆମର ବଗ୍ଗର କେତେ ? ବଥାତା ଏ ସବୁ କଥା ତୁମ ଆମ ଉପରେ ଛଡ଼ ଦେଇ ଜନ୍ତିନ୍ତୁ ତୋଇ ବସିଥିଲେ ତ ରଖା ଥାନ୍ତା ? ତୁମପାଇଁ ବେଳ ଅଛୁ, ମୋପାଇଁ ଅଛୁ ନଈବଡ଼ି । ତୁମପାଇଁ ଅଛୁ ମାର୍ବୋମ୍ବ (Chubbs) ତାଲା, ମୋର ଅଛୁ ଧଡ଼ାଲଗା ତାଡ଼ । ତୁମପାଇଁ ଅଛୁ ଝାଲରଲଗା ଯଙ୍ଗା, ମୋର ଅଛୁ ନଈ କୂଳଆ ସଲ୍ସଲଆ ପବନ । ତୁମପାଇଁ ଅଛୁ Vinum Galici, ମୋର ଅଛୁ Aqua pura । ତୁମପାଇଁ ଅଛୁ ରସ୍ପୁ, ବଙ୍କଳା, ଆସବ, ପ୍ରାସ, ଘୃତ, ତୈଳ, ଭୁଣ୍ଡି, ରସାସ୍ବନ, ମୋପାଇଁ ମୂଳମୂଳବା ଖଣ୍ଡା; ତୁମପାଇଁ ଦଳାର ଦଳାର ତାବନ ଗଡ଼ଗଡ଼ାଇଛନ୍ତୁ, ମୋର ଅଛୁ ମନର ଶାନ୍ତ, ଚରୁପ୍ରସାଦ, ହୃଦସ୍ଥର ସନ୍ତୋଷ, ଇଶ୍ବରଭଶ୍ବାସ । ନାହିଁ କେବଳ ଉକଡଳଆ ବଲୋର ଝାଡ଼ – ତୁଣ୍ଡା ବଗ୍ଗରେ ଜସ୍ମଲାଭ । ସେ ଜସ୍ମଲାଭକୁ ସେ ବଡ଼ କର ଗଣେ, ସେ ଗଣ୍ଠାର୍, ତା ଆଖିରୁ ପଡଖୁ କାଢ଼ି ଦଅ ତା । ମୁଣ୍ଡରେ ଖଗ୍ଗ ପଡୁ ପଛକେ, ଆଖିରେ ନେଇ ଚଖମା ଥାଉ, ଆଖିତ ଅନ୍ଧାରୁଆ ଦଶୁଥାଉ । ଯାହା ମନ ସେତେ, ତାହା ପ୍ରଭୁ ସେତେ । 'ଦଉ ବୌଲ ଉଦ ଗୋବନ ବୋଲ, ଉସିଲା ପଥର ବୁଡଲା ଶୋଲ ।' ସବୁ କଥାରେ ଶ୍ରେଷ୍ଠ ପେନ୍ସିଲ୍ ଧଇ ଅଙ୍କ କଷି ବସିଲେ ଚଇବ କାହିଁ ? ପଣତଆ, ଜଡ଼ାଗଣ୍ଠା, ଶୋଧ, ଓଡ଼ାଙ୍କ, ମେଲଙ୍କ ଏଗୁଡାକ ଶିଖ, କେତେ ପରଶ୍ରମରୁ ଖଲାସ ପାଇବ । ଉପଯୁକ୍ତ ହୁଅ, ଖମତା ପାଇବ । ରଖୁ ଥାଇ ପାଉଲ ପଛକେ ଦେବ, ଅଳ୍ପ ଦେବାକୁ ବଲ ଲଗୁ ନାହିଁ । ଦେଲ୍ଲ ପଗ୍ଗ ଗୋଟାଏ ମାତ ଗବପାଇଁ ଧଗ୍ଗଧଇ ତୋଇ ହଉ ସଇଥିଲେ ! ଉମିଉ କେତେ ଉତ୍କଦପା, ପଲଙ୍କଶୁଆ, ଘୋଡ଼ାଚଢ଼ା ଚେଇ ଅଛନ୍ତୁ । ଝଟ ଏ ଠିକଣା ଲଗେଇଲେ ଧଗ୍ଗ 'ନ ପଡ଼ ପିବେ କାହିଁ ? ଏଥାକୁ ଚଦନ୍ତୁ ବାଉଲପ୍ରଭୁ; କଏ କଣ ଉଚ୍ଚା କଇ ତାସ୍ପା ହୁଏ ? ଭଗବାନ୍ କହୁ-ଅଛନ୍ତୁ ଗୀତାରେ—'ତତ୍ବଦର୍ଶିନସ୍ତତ୍ତ୍ୱେ ମାଂ ଜନାଃ ସ୍ମୃତ୍ଉନୋଽର୍ଜୁନ । ଅର୍ତ୍ତୋ ଜିଜ୍ଞାସୁ ରଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ।' ଜ୍ଞାନୀ କଏ ? ଉତ୍ତରଶାସନର ବାଲ୍ଲଦସ୍ତି ଯାଉଲ କହେ, 'ଜ୍ଞାନୀ ମୁଁ ।' ଜଣେ ପଣ୍ଡିତ କହୁଥିଲେ, "ଯେ ଜାଣେ 'ମୁଁ କିଛୁ ଜାଣେ ନାହିଁ' ସେହି ଏକା ଜ୍ଞାନୀ ।" ଆଉ ସମସ୍ତେ କୁତ୍ତୁଡପଦିଗ୍ଗ । ଗୋଇ କରିବାକୁ ମନ ହୁଏ କାହାର ? ମନ ନ ହୁଏ କେବଳ ମୁଣ୍ଡିଉରୁଡ଼ାକର । ଅସ୍ମୁରତା ନାହିଁ କାହାର ? ନାହିଁ କେବଳ ଦାମ୍ଭିକର । 'ଉରୁଡ଼' ଏ ଉନ ଅଖରରେ ଡିଲୋକ ଜସ୍ମ । ତାରପ କରଁ ଗଡ଼ାଏ ଏଣୁ ତେଣୁ କହୁ ପାଟ୍ଟଜୋରରେ ସିନା ପରର ପାଟ୍ଟ ବନ କରି ଦେବ, ଭିନ୍ନ ଘରକଥାବେଳେ କେଉଁଆଡେ ପିବ ? 'ଆପଣା ସୁନା ତ ଦେଣ୍ଡି, ପର ସଙ୍ଗେ କଥାଁ ବାଳ ଧଗ୍ଗଧଇ' 'ଗୋଦଗ୍ଗ ଲୋ ଆପଣା ଗୋଡ଼ରୁ ଗ୍ବାଁ' ।

ଜୁଡ଼ୁଡ଼ରେ ଜନ୍ମ ହେଉଥିଲେ ଚଳୁ ନ ଥାନ୍ତା । ମହାପୁରୁଷମାନେ କଣ କେଉଁ ? ସବୁ କଥା ଏଡ଼େ ସହଜରେ ଖତମ ହୋଇ ଯାଉଥିଲେ ଜନ୍ମବ୍ୟାପୀ ସାଧନା, କଠୋର ତପସ୍ୟା, ହାଡ଼ଭଙ୍ଗା ପରିଶ୍ରମ ଓ ଈଶ୍ୱରପ୍ରେମର ମାହାତ୍ମ୍ୟ ଥାନ୍ତା କାହିଁ ? ଦାଣ୍ଡଗେରକୁ ସିନା ବାଡ଼ ବୁଜିବ, ଘରଗେରକୁ କ ଉପାୟ ? ଖୋକଥାଉଆ ହେଲେ ସିନା ଲୋକେ ବାବୁ ବୋଇ ଡାକିବେ, ଆପଣା ମନକୁ ଆପେ ଯେପରି ବାବୁ କୋଇ ଡାକିବ, ସେ ଉପାୟ କର । ଏ କଥା କଛୁ ମୁହଁରେ ନାହିଁ । ଶିକାରବେଳେ କୁକୁର ହଗି ବସିଲେ ଉଠବଣ୍ଟିକ ? ପଖାଳରେ କଣ ସମସ୍ତେ ପାଣି ଦଉ ପାଣ୍ଡ ? ଫେଲ୍ ହୁଅନ୍ତୁ ଅନେକ । ଫେଲ୍‌ରେ ଫେଲ୍ ଅଛୁ । ସେ ୧ ନମ୍ବରଘାଇଁ ଫେଲ୍ ସେ ଫେଲ୍, ସେ ଶୂନ୍ୟ ପାଇଥାଏ ସେ ମଧ୍ୟ ଫେଲ୍ । ପାଣ୍ଡରେ ମଧ୍ୟ ପାଣ୍ଡ ଅଛୁ । ଆପେ କେତେ କଷ୍ଟରେ ନଈ ପାର ହେଲ, ସେ କଥା ଭୁଲଗଲଣି । ଏଣିକ ସେ ପାଣି କଉ ନ ପାରଲା, ତାର ଅଭାବ ଅସୁବିଧାକୁ ହକଟ ନକର କଲ ନାହିଁ; ସେ ହେଲା ନାଲାଏକ, ଗଣ୍ଡା, ଔଣ୍ଡ । ତୁମେ ହେଲ ସରସ । ସେଥିପାଇଁ କହନ୍ତୁ, 'ଆଟ ମାଣିଆ କ ? ମାଣିଆ ହାତରେ ଝକାଝୋକର, (ମାଣିଆ) ମଣିଷ ହଉଛ କ !' ଆଜିରେ କଛୁ ଶୁଖୁଆକଥା ନଈ ନାହିଁ । ଗୁହ୍ଲି କଉ ଦେଖ, ପଖାଳଦନ ଖୁବ୍ ବଲ ପିଲାର ଶରୀର ଅସୁସ୍ଥ ହେଲେ ମଧ୍ୟ ଫେଲ୍ । ଏଥିରୁ କଣ ବୁଝିଲ ? ଅଦୃଷ୍ଟ ମାନେ କଣ ? ଯାହା ଦେଖା ନାହିଁ, ତାହା ଅଦୃଷ୍ଟ । ତୁମର ଯାହା ଅଦୃଷ୍ଟ, ତାହା ମୋର ଦୃଷ୍ଟ; ମୋର ଅଦୃଷ୍ଟ, ତୁମର ଦୃଷ୍ଟ । ସେଥିପାଇଁ କହନ୍ତୁ, ଯେଉଁ ଅଦୃଷ୍ଟ ଯାହାର : ଅଦୃଷ୍ଟରେ ମଧ୍ୟ କାହାର ହାତ ନାହିଁ । ହାତ ନ ଥିଲେ ତ ଘାନ୍ତୁନା ଅଛୁ । ଅଦୃଷ୍ଟର ଅନ୍ୟ ନାମ ବିଧିବିଧାନ । ଅଦୃଷ୍ଟକାଦ୍ଦ ନୁହେ କ ? ମୁହଁରେ ନ ହେଉ, ଫଳତଃ ସମସ୍ତେ । ମାନନ୍ତୁ ସମସ୍ତେ, କିନ୍ତୁ ହକଟ ତୁଦମ୍ବର ଦମ୍ଭ ଗୁହ୍ଲ, ଦୁଡ଼ ବଶ୍ୟତା ଗୁହ୍ଲ, ଜୀବନ୍ତ ପ୍ରେମ ଗୁହ୍ଲ । ପ୍ରେମ ନ ଥିଲେ ସଂସାର ଶୁଖିଲା । ଆପଣାକୁ ଆପେ ଆଗେ ହଉ । ପର ନ ହଉଲେ କଛୁ ହଉନା ନାହିଁ । ଯୋଷ୍ଠ ବାଇଗଣ ବାଡ଼ ବାଇଗଣ ଏକ କଲେ ସାର ସମତା ରକ୍ଷା ହେବ । ନଚେତ୍ 'ଦଦରୁ ଜଙ୍ଗା, ମଝି ନଈରେ ଦେବ ଦଗା ।' ଏସବୁ କଥା ବୁଝିବା କଥା, ବୁଝାଇବା କଥା ନୁହେ । ଦାଉଡ଼ା ହାତ ଗୋଡ଼ ହଲାଇ ମନ ଭାବ ପ୍ରକାଶ କରିବା ପରି । ସମସ୍ତେ ନାଝୁଆ । ନାଝୁଆ ତ ସହଜେ ନାରୁହନ୍ତୁ । ଦେଖଣାହାରୀ ମଧ୍ୟ ନାଝୁଆ । କଥାଟା କଣ ନା, ଯାହାକୁ ଆମ୍ଭେମାନେ ଅସଭ୍ୟ କହୁଁ, ସେମାନଙ୍କ ପରିଧାନ ବଲ୍ଲଲ । ସଭ୍ୟଙ୍କର ପରିଧାନ ଗୁଡ଼ାଏ, କରକଟା କମିଜ । ହକଟ ଅସ୍ତ୍ର କର ଦେଖିଲେ ହିଁ ମୁଣ୍ଡ ଏକା ସମାନ; ପିଲାଙ୍କର ଦାନ୍ତ ନାହିଁ, ବୁଢ଼ାଙ୍କର ଦାନ୍ତ ନାହିଁ; ବଦ୍ଧରଙ୍କର ବଧି ନିଷେଧ ନାହିଁ, 'ନଷ୍ଟେ ମୃତେ ପ୍ରବ୍ରଜିତେ କ୍ଲୀବେ ଚ ପତିତେ ପତୌ । ବଧିଃ କୋ ନିଷେଧଃ ।' ବଣୁଆଙ୍କ ପରିଧାନ ବଲ୍ଲଲ, ଗୃହିଙ୍କର ମଧ୍ୟ ତାହା; ଜଗନ୍ନାଥ ଦେଉଳରେ ପ୍ରସୁତ ଖାଦ୍ୟ ବନ୍ଦି, ହୋଟଲରେ ଦେଖ ତାହା; ଜାବଳ ପୁଅ ଯାହା, ନିକେତ ତାହା; ପାଉଁ ପଅର ନାଚ ଯାହା, ବଲ ନାଚ ମଧ୍ୟ ତାହା; ଅଶିକ୍ଷିତ ଅସଭ୍ୟଙ୍କର ସ୍ୱୀଗ୍ଧାଧୀନତା, ଖୁବ ସଭ୍ୟସମାଜରେ ଦେଖ ସେହ କଥା; ଯେଉଁଠାରେ ମସାଲ ନାହିଁ, ସେଠାରେ ଯେଉଁ ଅନ୍ଧାର, ମସାଲର ଠିକ ତଳେ ମଧ୍ୟ ସେହି ଅନ୍ଧାର;

ଅସିଲ ବେଳେ ମୋର ଏକା, ଯିଲ ବେଳେ ମଧ୍ୟ ସେହି ଏକା; ଅସଭ୍ୟ ଲୋକର ଜୁଆଖେଳ ଓ ସଭ୍ୟ ଲୋକର ଜାଦନବଜା, ଲାଟାଳବଜା, ନଆଁବଜା ମଧ୍ୟରେ ପ୍ରଭେଦଟା କଣ ବେଶି ? ସବୁ କଥାରେ ଭେତରର ପ୍ରଭେଦ ଖୁବ କମ । ଯାହା ପ୍ରଭେଦ ବାହାରେ, ଭୁମ ଆମ ଏକଚରଣା ବଗୁଚରେ । ସମସ୍ତେ କହନ୍ତି, ଆକାଶ ପାତାଳ ପ୍ରଭେଦ; କନ୍ତୁ ଆକାଶରୁ ପାତାଳକୁ ଖସିବାକୁ ମୁହୂର୍ତ୍ତେ ସମ୍ବା ଲଗେ ନାହିଁ । ଏ ମୁହୂର୍ତ୍ତରେ ଦେବତା, ଅନ୍ୟ ମୁହୂର୍ତ୍ତରେ ରାକ୍ଷସ । 'ଯତ୍ଦଦ୍ରେ ବଷ୍ଟମିବ ପରଣାମେଽମୃତୋପମଂ' ସେହି ସୁଖ ପଦବାଚ୍ୟ ଓ ସେବ୍ୟ । ଅନ୍ୟ ସବୁ କେବଳ ମସାଲ ପାଖ ଅବାର ପର୍ଦ୍ଦା । ମସ୍ତ୍ରମ ପାଗଳ କହୁଥିଲା—'ଇଶ୍ୱରଙ୍କଠାରେ ସବୁ ଖୋଇ । ତାଙ୍କଠାରୁ ଭୁମର କଣ ବେଶି ବୁଦ୍ଧି ! ଭୁମକୁ ଅଣାଏ ପଇସା ମିଳିଲା, ଦଲଦାର ମିଆଁ ଦୋକାନରୁ ଖଣ୍ଡେ କୋଲପ କିଣି ନେଇ ନଷ୍ଟିନ୍ଦ ଦୋଇ ବସିଲ । ତାଙ୍କୁ କଣ ଅଣାଏ ପଇସା ମିଳୁନା ନାହିଁ ? ଭୁମେ ଘର ମୁଦିକୁ ଗୁହାଁଥାଅ, ଗୁବଃ ଦଳଲେ ଉପରକୁ ଗୁହିଁ ଆଁ କର ବସିଥିବ । କନ୍ତୁ ମୋ ଗୁବ ନକବା ଗୁବ ନୁଟେ । ଭୁମ ଗୁବ ଭୁମ ଅଙ୍ଗାରେ, ମୋ ଗୁବ ମୋ ଘରେ ।'

ଶେଷ କଥା :—ଭୁମେ ମନେ ମନେ କଥାଟା ଗେରେ ସଡଳ ଓ ସାଧାରଣ ବୋଲ ବଗୁରୁଛ, ଅସଲ କଥା ତାହା ନୁଟେ । ଭୁମେ ମୋର 'ଘଡ' ଝୁଲେଇ 'ଡଇନ୍ ଫିଃ' ଦୋଇ ବୁଲୁଛ, ମନେ ମନେ ବଗୁରୁଛ ଟକା ପାଖଟା ମନଅର୍ଡର କର ଦେଲେ ଆର ଶନବାର ଡାକରେ ଦୁଆର ମୁହଁରେ ଡାକ ଡାକବାଲା ଏକ ପୁଲନା ଦେଇ ଯିବ, ଟକେ ଥମ୍ବ କର ହୁଷାବ କର, କନ୍ଦୁବର୍ଷବ୍ୟାପୀ କଠୋର ପରଦର୍ଶନ, ପଗ୍ଗା, ପରଶ୍ଚମ, କେତେ ସ୍ୱାର୍ଥତ୍ୟାଗ, କେତେ ଜୀବନନାଶ, କେତେ ସାଧନା ପରେ ଏ ସଦ୍ଧଃ ବର୍ତ୍ତମାନ ଅବସ୍ଥା ଧାରଣ କରିଅଛୁ ଓ ଏତେ ଅଳ୍ପ ବ୍ୟୟ ଓ ସମୟରେ ଭୁମ ହକଃରେ ପହଞ୍ଚିଲା । ଏତେ ଲୋକଙ୍କୁ ବାଧା ନ ଦୋଇଥିଲେ ଭୁମେ ଅଳ୍ପ ବାବୁ ଦୋଇ ବୁଲି ନ ଥାନ୍ତ । ଜଣେ ଲେଖକ କହିଅଛନ୍ତି, 'ଗୋଟିଏ ବଡ଼ଲୋକର ଘର କେତେ ବଙ୍ଗା ଘରର ସମଷ୍ଟି ।' କନ୍ତୁ ଆମ୍ଭେମାନେ କହୁଁ, ଗୋଟିଏ 'ସଭ୍ୟ ବାବୁ' ସହସ୍ର ସହସ୍ର 'ଅସଭ୍ୟ' ମୂଲଅଙ୍କ ଅର୍କ (Essence) । "ମାରେ ସିଘାଦ୍ଦ ନାମ ସରଦାରଙ୍କା ।"

ନୋଃ—ବାଇ ମାଦାଣ୍ଡଙ୍କ ଃଘାରୁ ଯଥା ଦୃଷ୍ଟଂ ତଥା ଲିଖିତଂ । 'ଶୁବ ଅଶୁବ ପୂରାଇ ଗାଇବ, ଲେଖନକାର ଦୋଷ ନ ଧରିବ ।' ନତାନତ ନମନ୍ତେ ଆମ୍ଭେମାନେ ଦାସ୍ଟି ନୋଟୁଁ । (ମୁହଁ ମୁହଁ ଦାସ୍ଟିଲ୍ଲଃ। ଏତେ ସଦଳରେ ଭୁତ ଯାଇଥିଲେ ଅବଶ୍ୟ କଥା ନ ଥିଲା ।) ପାଠକ ଅବଧାନ ! କ୍ଷମା କରିବେ । ଆମ୍ଭେମାନେ ବାଇ ମାଦାଣ୍ଡଙ୍କ ସାମାନ୍ୟ ପ୍ରତିଜ୍ଞାଗୁଡିକ ନକରିବାକୁ ବୁଝାଇବାଯାଇ ଚେଷ୍ଟା କରିଥାନ୍ତୁ । କନ୍ତୁ ବୁଝିଲେ ତ ନା, ଆମ୍ଭେମାନେ ତେଲୁ ଲେଖନକାର, ସୁତରାଂ ଆମ୍ଭମାନଙ୍କ ଦାସ୍ଟିଲ୍ଲଃ। ବଡ଼ ଜବର । ସବୁ କଥା ବୁଝାଇ ଉଦାହରଣ ଦେଇ ଲେଖିଲେ ଦଶଖଣ୍ଡର ଉପାନ୍ୟାସ ସରଯିବ, ଏଥି ନମନ୍ତେ ବାଇ ମାଦାଣ୍ଡଙ୍କ କଥାଗୁଡିକ ଦେଉଛୁରେ ଦେଉଛୁରେ ମାର ଦେଇ ବସିଲୁଁ । ମଧ୍ୟ ଶିକାକାରମାନଙ୍କ ଦାନାରେ ଖୁବ ଦେବା

ଆମ୍ଭମାନଙ୍କ କର୍ତ୍ତବ୍ୟ ନୁହେ । ଆପଣ ଥରେ ପ୍ରିନ୍ସିପାଲ୍‌ କୋମ୍ପାନୀ ସାମନାକୁ ଗଲେ ଆମ୍ଭମାନଙ୍କର ଉପସ୍ଥିତ ଅବସ୍ଥା ଉତ୍ତମରୂପେ ହୃଦୟଙ୍ଗମ କରି ପାରିବେ । ସାମନାରେ ଜେଲ୍‌ଖାନା, ତାହାଣ ଡଉଫଟୁ ପାଗଳଖାନା, ବାଁ ଡଉଫ ଅଦାଲତ, ଖଣ୍ଡେଦୂର ଗଲେ ବୁଡ଼ଖାନା, ମଝିରେ ଡାକ୍ତରଖାନା, ନକଝରେ ଅଦାଲତ ଘୋଡ଼ଶାଳ, ନାଉଖାନା, ଗାଡ଼ିଖାନା, ଚାଉଳଖାନା ଇତ୍ୟାଦି । ଏତେ ଆଡ଼ରୁ ନଜର ରଖି କାମ କରିବା କଥା କଣ ମୁହଁରେ ପଡୁଛି ? 'ବଡ଼େଇ ବଏ ପରକୁ, ବୁଦ୍ଧି ନ ଆସଇ ଘରକୁ ।' ଟଙ୍କା ଗୋଡ଼ ଖସି ଗଲେ କଏ କେଉଁ ଆଡ଼େ ଗାଣ୍ଠୁଣା ପରି ଓଟାରି ନେବେ, ଠିକଣା ନାହିଁ । କଏ କହିବ କାଉରେ ମାର, କଏ କହିବ ଘୋଡ଼ରେ ମାର, କଏ କହିବ ମୁତ୍ତୁଁ ମାର । କଏ ଲଡ଼ୁ ଖୁଆଇ ମାରିବେ, କଏ ବଖ ଖୁଆଇ ମାରିବେ । ଆପଣମାନେ ଦମ୍ଭିବେ, ବଗ୍‌ରୁଥିବେ, 'ମୁଖରସ୍ତୁ ଦନିଆଁ ।' 'ଅଚ୍ଛା ଦେଲ୍ଲ, ଯା !' ଯୁଦ୍ଧରେ ଶତ୍ରୁ ଯଶ ବାଜାଦାରଙ୍କୁ ପହଲେ ଦାଣ । ଅଉ ତାରପ ଦେଲ୍ଲବେଳକୁ ଯେ ଅମ କଥା ଖୋଲ ବଏ । ଏଥିରେ କରୁଁ କଣ ? ତେବେ ଆମ୍ଭେମାନେ ବ କମ ଜନ୍ତୁ ନୋହୁଁ । ବାଜୁ ନ ବାଜୁ ଆମ୍ଭେମାନେ କ ଖାଇ ଖାଇ ଗଡ଼ ଦଅନ୍ତୁ ? ଘଟକୋ ନାସ୍ତି ମୂର୍ଖତ୍ୱଂ ଜପତୋ ନାସ୍ତି ଦୁର୍ଗତଃ । 'ମାନଲେ ଦେବତା ନ ମାନଲେ ପଥର ।' ଉଭ ଲେଖକକାରଯ୍ୟ କୈଫିୟତ୍‌ ।

ସାତକୋଶିଆରେ ଅନ୍ଧକାର ।

(By Shashibhusan Rai)

ସାତକୋଶିଆ ! ତୋତେ କେତେ ଥର ଦେଖିଅଛୁ, ମାତ୍ର ତୁ ଚିର-ନୂତନ, ସମସ୍ତ ଉଚ୍ଛଳରେ ତୋର ଥର ଲଳତ-ସ୍ନିଗ୍ଧ ଦୃଶ୍ୟ ଆଉ କେହି ଦେଖାଇବାକୁ ଷମ ନୁହନ୍ତି । ଆକାଶ-ଚନ୍ଦ୍ରାତପ ତଳେ ଦୂରପାର୍ଶ୍ୱସ୍ଥିତ ବଶାଳ ତରଳ ପର୍ବତଶୃଙ୍ଗ, ମଧ୍ୟସ୍ଥିତା ନାଳ-ଜଳପୂର୍ଣ୍ଣି । ମହାନଦୀର ସପ୍ତସ୍ରୋତବ୍ୟାପୀ ବ ବରଫ, ବ ସ୍ନିଗ୍ଧତା, ବ ମହାନ୍‌ ଚତୁ ପରମେଶ୍ୱରପ୍ରତିଷ୍ଠିତ ପବତ୍ର ନସ୍ତ୍ରମାନ୍ତ୍ରାରେ ତୁ ସଜାଇ ରଖିଅଛୁ ! ବାସ୍ତବରେ ତୁ ପ୍ରଫୁଲ୍ଲତାର ରଙ୍ଗଭୂମି, ସରଳତାର ଆକର, ପବତ୍ରତାର ଜନ୍ମଭୂମି, ନର୍ମ୍ମଲତାର ଆଧାର ଏବ ସୌନର୍ଯ୍ୟର କଲ୍ପବୃକ୍ଷ । ତୋତର ସମସ୍ତ ପ୍ରକାରରେ ବର୍ଣ୍ଣନା ତଳେ ମଧ୍ୟ ବର୍ଣ୍ଣନା-ସାପକ୍ଷର ଅଧିକାର କାହାର ନାହିଁ । ତୋତର ସୌନର୍ଯ୍ୟ କେବଳ ଅନୁତବଯୋଗ୍ୟ ।

ଏକ ପାର୍ଶ୍ୱରେ ଦଶପଙ୍କାର ବଡ଼ମୂଳଠାରୁ ବରଦଲ ତମିରଆ ପର୍ଯ୍ୟନ୍ତ ଏବ ଅପର ପାର୍ଶ୍ୱରେ ଦଶପଙ୍କାର ଘୋଡ଼ମୁଣ୍ଡାଠାରୁ ଆଠମଲ୍ଲିକର ବନକେଇ ଠାକୁରାଣୀ ପର୍ଯ୍ୟନ୍ତ ସ୍ନିଗ୍ଧ-ପରସର-ବଶିଷ୍ଟା ମହାନଦୀର ଉଭୟ ପାର୍ଶ୍ୱସ୍ଥିତ ବରଫ ପର୍ବତଶ୍ରେଣୀର ପ୍ରାଚୀର; ଉପରେ ନୀଳାକାଶ, ତଳେ ନୀଳ ଜଳରାଶି, ଉଭୟ ପାର୍ଶ୍ୱରେ ଚଉଡରହ

ପର୍ବତମାଳା ! ପ୍ରକୃତି ଦେବୀଙ୍କ ଶୂନ୍ୟଗଢ଼ର ବସ୍ତୁଃ ଆକାଶ । ଏହି ପର୍ବତମାଳା ଉପରେ ବଗାଲ କଡକାଠ ଫକାଇ ଦେଲେ ପ୍ରକାଣ୍ଡ ଛତ ପ୍ରସ୍ତୁତ ହେବାକି ସମ୍ଭାବନା ? ଏ ପର୍ଯ୍ୟନ୍ତ ଏହିନ କଡକାଠ ଜଗତରେ ସୃଷ୍ଟି ହୋଇ ନାହିଁ—ତେବେ ସାଲୁନାର ବକ୍ଷସ୍ଥ ଏଉଡ଼, ପ୍ରକୃତି ଦେବୀଙ୍କ ସ୍ଥଦର ଛତ ଅନନ୍ତ ନୀଳ ଆକାଶ; ଆମ୍ଭମାନଙ୍କ ଭଳ ଅଧ୍ୟବାର୍ଥମାନଙ୍କରହିଁ କଡକାଠର ପ୍ରଯୋଜନ ସିନା !

ଏକ ପାର୍ଶ୍ୱରେ ଦଶପଞ୍ଚାର ଗୋଦାଳଭଳି ଏବଂ ବଡ଼ଦର ସୁନାକଣିଆ ପର୍ବତଶ୍ରେଣୀ, ଅପର ପାର୍ଶ୍ୱରେ ଦଶପଞ୍ଚାର ବାଇଗଣି ଏବଂ ଅଣ୍ଡାଳର ଝକରପଡ଼ା ଅଞ୍ଚଳର ପର୍ବତଶ୍ରେଣୀ ଦ୍ୱୟ ଦଇତ ସମ୍ଭାରରେ ସୁସଜ୍ଜିତ । ନୀଳ ଜଳଠାରୁ ନୀଳ ଆକାଶ ପର୍ଯ୍ୟନ୍ତ ପ୍ରକୃତିଙ୍କର ବଗାଲ ନାଟକର ଗୋଡ଼ି ! ପ୍ରକାଣ୍ଡକାୟ ଶାଳବୃକ୍ଷରାଜ ପର୍ବତର ଅଇଳନ-ପାଶରେ ଅବଦ୍ଧ ହୋଇ ସ୍ୱ ସ୍ୱ ପାଦବୃନ୍ଦିସମୂହ ଛତ୍ରାସମାକୃତି କରି ନୀରବରେ ଦଣ୍ଡାୟମାନ । ଅନ୍ୟାନ୍ୟ ଅପରାପର ପ୍ରକାର ବୃକ୍ଷ ଏବଂ ଗୁଳ୍ମରାଜି ଏହି ଶାଳ ଅରଣ୍ୟ ସହିତ ସଂସୃଷ୍ଟ, କେବଳ ସୁନାକୋଣିଆ ନକଟରେ କେତେକ ତାଳ ବୃକ୍ଷ ଦୃଷ୍ଟ ହୁଏ । ତମାଳ ବୃକ୍ଷ ତ ନାହାନ୍ତି । ଫଳତଃ ପ୍ରାଚୀନ କବି-ରସନା-ନଃସୃତ "ଶାଳ-ତାଳ-ତମାଳ"ର ଦୃଶ୍ୟ ଉପଭୋଗ କରିବାର ସ୍ଥାନ ଏହା ସିନା ? ଅପର୍ଯ୍ୟାପ୍ତ ପୁଷ୍ପରାଜି ଯେଉଁ ଲତାଗୁଳ୍ମମାନ ମହାନନ୍ଦା ଜଳୋପରି ପ୍ରସାରିତ ଏବଂ ଏହି ହେତୁରୁ କବିଙ୍କର ବର୍ଣ୍ଣନା—

"ଜଳିନେ ଦଅନ୍ତି ବନଦ୍ରୁମାବଳୀ ଜଳଦେବତାଙ୍କୁ ଯହିଁ ପୁଷ୍ପାଞ୍ଜଳି ।"

ଏଠାରେ ସମ୍ପୂର୍ଣ୍ଣ ସାର୍ଥକ । ଏଠାରେ ବଡଙ୍କର କଳଗୀତ, ସମୀରଣର ଅବ୍ୟାହତ ଗତି, ବୃକ୍ଷ ପତ୍ରର ମର୍ମରିତ ଶବ୍ଦ, କଦାମ୍ବୁଧର କୃତଜ୍ଞ ହୃଦମ୍ବୁର ଭକ୍ତି-ଉଚ୍ଛ୍ୱାସସ୍ୱରୂପ କବିଙ୍କର ସ୍ୱମଧୁର ଛାଖାରେ ମହାମାନସୀ ପ୍ରକୃତି ଦେବୀଙ୍କ ପରଜସ୍ର ପ୍ରଦାନରେ ସର୍ବଦା ବ୍ୟାପୃତ ରହିବାକୁ ଇଚ୍ଛା କରେ ଏବଂ ଏହି ଇଚ୍ଛା ଅବଳଲାକ୍ରମେ କବିଙ୍କୁ ସୀମାଗତ ରାଜ୍ୟକୁ ଘେନିଯାଏ ! ଦୂର ନଦାବକ୍ଷରୁ ମନେ ହୁଏ, ଅନନ୍ତ ଆକାଶର ଅନନ୍ତ ଅଙ୍କେପୃତା ଚଞ୍ଚଳାମୂଳା ସରଳ-ଫଳଗ୍ନ ପର୍ବତଶ୍ରେଣୀର ଅଙ୍ଗାତ ପଦଚ୍ଛାୟାରେ ମିଶି ଯାଇଅଛି !

ପର୍ବତ କାନ୍ଥ ଯେଉଁ ସାର୍ଗି ସୋନପୁର ପର୍ଯ୍ୟନ୍ତ ଯାଇଅଛି, ତାହା ଠିକ୍ ମହାନଦୀ ଧାରରେହିଁ ଅବସ୍ଥାପିତ । ଏକଅଡ଼େ ପର୍ବତଶ୍ରେଣୀ ଅପାଦମସ୍ତକ ବୃକ୍ଷଲତାଗୁଳ୍ମ ଗହ୍ୱର ଅରଣ୍ୟରେ ପରିପୂର୍ଣ୍ଣ, ତଳେ ମହାନଦୀ ଗର୍ଭର ଅତଡ଼ା ! ସ୍ଥାନେ ସ୍ଥାନେ ଏହି ଗହ୍ୱର ଅରଣ୍ୟ ଭେଦ କରି ନାଇଗଣୀ ଶ୍ରୁତିମଧୁର କଳନାଦରେ ଉପତ୍ୟକାର ଗହ୍ୱରଗର୍ଭରେ ନଯଉଚ ଦେଇଅଛୁ । ନାଇନ ବନବୁନିର ଅନ୍ତରାଳରୁ ଯୋନଗଣି ଉଦ୍ଗୀରଣ କରି କରି ନଈରର ଜମିଳ ସରଳ-ପ୍ରକାଶ ବଂଶଦଣ୍ଡ ନାମରେ ପରିଚ

ବୋଇ ମଞ୍ଚାର ଅବତାରଣା କରୁଅଛ; ବନ୍ୟ ସେହ ଅନାବିଳ ଅବସ୍ଥାକୁ ରକ୍ଷଣାବେକ୍ଷଣରେ ଅଭିନୟ କରି ମଦାନଘରେ ପଦୁଅଛ । ପଦୁଡୋଳା ଗାଁ ନକଲସ୍ଥ ପାଶ୍ଚାତ୍ୟ ତରୁମୂଳରେ ଶିକ୍ଷିତଜଣର ଫଟ୍ରିତ ଏବଂ ସମସ୍ତ ସମୟରେ ମୁକ୍ତସ୍ଥଳ ବୋଇ ନୂତ୍ୟ ଦର୍ଶନର ସୁବିଧା ପ୍ରାପ୍ତ ହୋଇଛ । 'ସପ୍ତକୋଶୀ'ର ଠିକ୍ ମଧ୍ୟସ୍ଥଳରେ ଗଭର୍ଣ୍ମେଣ୍ଟଙ୍କ କୋଠର ଡାକ ବଙ୍ଗଳା ଏବଂ ବଙ୍ଗଳାରୁ ପ୍ରାପ୍ତ ଅର୍ଦ୍ଧମାଇଲ ବ୍ୟବଧାନରେ ସିଖା-ଉର୍ଣ୍ଣି-ଘାଲ ନଉଡ ପକ୍ଷୀ । ଏ ପଦ୍ଧତ ଏହ ପାଶ୍ଚାତ୍ୟ ନର୍ତ୍ତନ ପକ୍ଷୀ ! ଏଠାରେ ଈର୍ଷ୍ୟାପର ମାଦକତା ନାହିଁ, ଏଠାରେ ଉତ୍କାଣାର ଉତ୍ସର୍ଗତା ନାହିଁ, ଏଠାରେ ଦ୍ୱେଷ, ହିଂସା, କୁଟମ୍ବତା ପ୍ରଭୃତ ସଦାଘାତ ନାହିଁ, ଏଠାରେ ଅନ୍ତର୍ବିଦ୍ରୋହ, ପରପୀଡ଼ନ ନାହିଁ । ପ୍ରକୃତ ସୁସନ୍ତାନମାନେ ପ୍ରକୃତଙ୍କ ମ୍ନେହାଲିଙ୍ଗନରେ ସଙ୍କଳ୍ପ ଅର୍ଦ୍ଧବ, ପଙ୍କତ ଉପତ୍ୟକାରେ ପରମାନନ୍ଦରେ ମୃଗୟା କରି ବୁଲନ୍ତୁ, ପର୍ଣ୍ଣକୁଟୀରରେ କାନନଯାପନ କରି ପ୍ରକୃତି-ପଦରେ ନମ୍ରତ ପ୍ରଣତ ଅବନତ କରଆନ୍ତୁ ! ଏହ ଦବ୍ୟ ପୁଷ୍ପାବରଣ-ଭୂଷିତ, ଶ୍ୟାମାଞ୍ଚଳସମ୍ପତ୍ତିତ, ନଦ୍ୟାନର୍ଝରସମାକୁଳ ଅନନ୍ତ ପ୍ରକୃତଙ୍କ ପୁଣ୍ୟାଙ୍କଯୋଡ଼ି ପଦ୍ଧତ ପର୍ଣ୍ଣଶାଳା ନକଟରେ ନଗରର ସୌଧାବଳୀର ମୋଦାଙ୍କିତ ନଶ୍ୱର ସୌନର୍ଦ୍ୟ କେତେ ତୁଚ୍ଛ ମଣାଣ !

କୋଠର ବଙ୍ଗଳାରେ ଅବସ୍ଥାନ କରି ସୌନର୍ଦ୍ୟ-ସ୍ପୃଷ୍ଟଶତାର ପୃଷ୍ଠ ବଦାଗ ଅବଲୋକନ କଲ । ଉନ ଅଡ଼େ ପଦ୍ଧତଶ୍ରେଣୀ--ଏହ ପଦ୍ଧତଶ୍ରେଣୀ ବଦ୍ଧ ବୃଷରାଜ ସମାଙ୍କୀର୍ଣ୍ଣ, ହିଂସ୍ର-ଜନ୍ତୁ-ନନାବତ, ନବଡ଼ ଅରଣ୍ୟରେ ପୃଷ୍ଠ । ସମ୍ମୁଖରେ ମଦାନଘର ବାଇଗଣି ପର୍ଯ୍ୟନ୍ତ ଶୁଦ୍ଧାରଣ୍ୟଭୂଷିତ ଉତ୍ସୁକ ଭୂମିଖଣ୍ଡ । ଅସ୍ତମିତ ପ୍ରାପ୍ତ ତପନର ହରଣାସ୍ତ ରଶ୍ମିଜାଲ ପଦ୍ଧତର ଅନ୍ତରାଳରୁ ଦୂରସ୍ତ ଗିରଚୂଡ଼ା ଏବ ବୃକ୍ଷଧାର୍ଶ ଆଲୋକତ କରି ପ୍ରତ ମୁହୂର୍ତ୍ତରେ ପାପିୟାନ ଦେଉଥିଲ ଏବ ପକ୍ଷୀମାନଙ୍କର ଦଗନ୍ତ କାକଳରେ ପ୍ରଦୋଷ ସୂଚତ ଦେଉଥିଲ ।

ସନ୍ଧ୍ୟାର ଛସ୍ପାରେ ପ୍ରକୃତ ସମାଚ୍ଛନ୍ନ ହେଲ । ବୃକ୍ଷସମୂହରେ ଦଳବଦ୍ଧ ଖଦ୍ୟୋତ ପାପିକାର ସ୍ପନ୍ଦନ୍ୟୋତ ଏବ ଚତୁର୍ଦିଗସ୍ଥ ଝିଲ୍ଲୀଗଣ ସଥାକ୍ରମେ ନସ୍ତନ ଏବ କଣ୍ଠକୁ ଉପଚାର ଦେଉଥିଲ । ଚତୁର୍ଦିଗ ଉତ୍କଳର ନସ୍ତବ୍ଧ ଏବ ସମସ୍ତ ବନପ୍ରକୃତ ଯୋଗରେ ଏହ ଅନନ୍ତ ବ୍ରହ୍ମାଣ୍ଡର ଅଧୀଶ୍ୱରଙ୍କ ଧ୍ୟାନରେ ସମାହିତରୁ । ସେହ ମୌନ, ଶାନ୍ତ, ସ୍ତବ୍ଧ ସନ୍ଧ୍ୟାରେ ବନପ୍ରକୃତଙ୍କ ଅନଙ୍କଳନୀୟ ସୌନର୍ଦ୍ୟ ସନର୍ଶନ କଲ ।

ଅନ୍ଧକାରର ଏକପ୍ରକାର ସୌନର୍ଦ୍ୟ ଅଛ, ଯାହା ଲିଖିତ ଏବ ଚିତ୍ରାଙ୍କିତ ବ୍ୟକ୍ତିମାତ୍ରେହିଁ ଉପଲବ୍ଧି କରି ପାରନ୍ତେ । ଅନ୍ଧକାରକୁ ମୁଁ ବାସ୍ତବିକ ଘୃଣା ପାଏଁ; ତାହିଁକ, ତାହା ମୁଁ ଜାଣେ ନାହିଁ । ଅନ୍ଧକାର କୋଡ଼ରେ ବସିଗଲେ ମନେ ହୁଏ, ଫଟାର ଜ୍ୱାଳା ବମା ସଜ୍ଜା ଆଉ ଲୋଡିବାକୁ ତେବ ନାହିଁ ପରା ? ଅନ୍ଧକାରରେ ମୁଁ ନଜକୁ

ପ୍ରକୃତିଙ୍କଠାରେ ଚାଲି ଯାଇଁ ଏବଂ ରହସ୍ୟଭର ପଥ ସେଯର କଛୁ କଛୁ ଦେଖେଁ । ମୋଦର ମନେ ହୁଏ, ଏ ବଳରେ ଯାହାର କେହ ନାହାଁନ୍ତି, ଅନ୍ଧକାରହିଁ ତାହାର ଏକମାତ୍ର ଆଶ୍ରୟ । ହୃଦୟର ବ୍ୟାକୁଳତାରେ ଅନ୍ଧକାରରେ ହୃତଗଲେ ପୃଥିବୀର ଦୁଃଖ, କଷ୍ଟ, ଅଭାବ ଆଉ ସୁରଣା ହୁଏ ନାହିଁ । ଅନ୍ଧକାରର ଅନ୍ଧରୂପ କେତେ କାବ୍ୟର ଉତ୍ସର ସାଧନ କରିଅଛୁ, କେତେ ଅକବଙ୍କୁ କବି କରାଇଅଛୁ । ଏହି ସୌନର୍ଯ୍ୟର ଶବ୍ଦର ସ୍ପର୍ଶ ଆଲିଙ୍ଗ ପାଇ କେତେ ପ୍ରାଣ ସଂସାରରେ ଲୋକସୁଖର ମାୟା ବିସର୍ଜନ କରିଅଛୁ । ଅନ୍ଧକାରର ମର୍ଯ୍ୟାଦା ସେ ବୁଝିଅଛନ୍ତି, ସେ ନକ୍ଷତ୍ର କହୁବେ, ସଂସାର ଅଜ୍ଞତା ମଧ୍ୟରେ ତୃପ୍ତି ନାହିଁ । ଅନ୍ଧକାରରେ ବସି କେତେ ନଗ୍ନ ହୃଦୟ ନୂତନ ପ୍ରତିଜ୍ଞାର ବଳ ଲାଭ କରିଅଛୁ, ତାହାର ସଂଖ୍ୟା କିଏ କରୁବ ?

ମାନବର ପ୍ରକୃତିଭେଦରେ ପ୍ରକୃତିଙ୍କ ଯେଉ ଯେଉ ଚିତ୍ର ଲୋକର ଅନୁରାଗ ଆକର୍ଷଣ କରେ । ପ୍ରସନ୍ନତା, ଆଶା, ସୁଖପ୍ରବଣ ଯାହାଙ୍କର ଅଧିକ, ସେ ଆଲୋକରକୁ । ଯାହାଙ୍କ ପ୍ରକୃତି ବିଷାଦ, ନଗ୍ନତା ଏବଂ ଅନୁସ୍ପିରେ ଗଠିତ, ସେ ନକ୍ଷତ୍ର ଅନ୍ଧକାରର ଉପାସକ । ଆଲୋକ—କାର୍ଯ୍ୟ ଓ ଉତ୍ସାହ; ଅନ୍ଧକାର ବିଶ୍ରାମ ଓ ଅନ୍ତଶ୍ଚେତନା । ଆମ୍ଭେମାନେ ଆଲୋକର ଦୃଢ଼ଭିତ୍ତି ଉପରେ ଛିଡ଼ା ହୋଇ ଜୀବନର ବିଗତ ସୀମା ପର୍ଯ୍ୟବେକ୍ଷଣପୂର୍ବକ ଆମ୍ଭମାନଙ୍କ କର୍ତ୍ତବ୍ୟ ନିରୂପଣ କରି ପାରୁଁ । କିନ୍ତୁ ଅନ୍ଧକାରରେ ଆମ୍ଭେମାନେ ଏ ସମସ୍ତ ସାଂସାରିକ ଗଣନାରୁ ବିଚ୍ଛିନ୍ନ ହୋଇଥାଉଁ । ଅନ୍ଧକାରରେ ବାହ୍ୟଜଗତ୍ ଲୁପ୍ତପାଏ, କେବଳ ଚିନ୍ତାଜଗତ୍ ଥାଏ । ଏହି ଅନନ୍ତର ସୀମା ନାହିଁ, ଅନ୍ଧକାରର ମଧ୍ୟ ସୀମା ନାହିଁ । ଅନ୍ଧକାରରେ ଆମ୍ଭେମାନେ ଅସୀମକୁ ଉପରେ ନିର୍ଭର କରି ନ ପାରୁଁ, ଆମ୍ଭେମାନେ ଯେ ନଗଣ୍ୟ ଅସହାୟ, ଏହି ଧାରଣା କ୍ରମେ କ୍ରମେ ହୃଦୟରେ ବଦ୍ଧମୂଳ ହୁଏ । ଅନ୍ଧକାରର ବିଶ୍ୱବ୍ୟାପୀ ସୌନର୍ଯ୍ୟ ପ୍ରଭାବରେ ଆମ୍ଭମାନଙ୍କ ଜୀବନର ପ୍ରକୃତ ଉପକାର ହୁଏ ।

ଅନ୍ଧକାରରେ ଅନନ୍ତଙ୍କର ଅତି ସୁନର ଉପଲବ୍ଧି ହୁଏ । ସସୀମ ହୋଇ ଆମ୍ଭେମାନେ ଏହି ଚିମଗ୍ରହାଦତ ପ୍ରାକୃତିକ ଗୋଷ୍ଠୀରେ ଅସୀମ କଣ, ତାହା ବୁଝି ନେଉଁ । ସେତେବେଳେ ସ୍ଥାନ ଆଉ ଦୂରତ୍ୱକୁ ଅନୁଭବ କରି ପାରେ ନାହିଁ । ମୁକ୍ତ ପରକାଳ ପ୍ରତି ଚିନ୍ତାଗୁରୁତ୍ୱ ଆକର୍ଷଣ କରେ । ଏକପ୍ରକାର ଅଜ୍ଞାତ ରସ୍ୟ ଏବଂ ଅତୁଳ ନସ୍ପତ ଜୀବନର ଉଚ୍ଚି ଉପରେ ସବଳରେ ଆଘାତ କରୁଥାଏ । ଯାହା ମନୁଷ୍ୟ କେବେହେଁ ଶିଖି ପାରିବ ନାହିଁ—ସେ ତତ୍ତ୍ୱ ଜାଣିବେ ମନୁଷ୍ୟ ଚିରକାଳଙ୍କ ତୋରସିବ—ସେହି ମରଣାନ୍ତ ତତ୍ତ୍ୱ ଭେଦ କରିବାକୁ ହୃଦୟ ବତ୍ରୋଳ ହୁଏ । ସେତେବେଳେ ଦେଶ ଓ କାଳର ସେ ଅଭେଦ୍ୟ ଶୃଙ୍ଖଳ ଆମ୍ଭମାନଙ୍କୁ ପୃଥିବୀରେ ବାନ୍ଧି ରଖିଅଛୁ, ତାହା ଛିଣ୍ଡାଇ ଦେବା ପାଇଁ ନର୍ଭିକ ଉଦ୍ୟମ ଆସି ଉପସ୍ଥିତ ହୁଏ !

ପୁରାଣ

(SELECTION FROM JALANDHAR DEV'S MAHABHARAT CRITICISM)

ପୁରାଣ (ପୁରା-ନ) ପ୍ରାଚୀନ ଉପାଖ୍ୟାନ, ପୁରାବୃତ୍ତ, ପୁରାତନ କଥା (କାହାଣୀ) । ଏକ ହିସାବରେ ପୁରାଣ ବେଦଠାରୁ ମଧ୍ୟ ପ୍ରାଚୀନ; କାରଣ ବେଦ-ରଚନା ପୂର୍ବରୁ ମଧ୍ୟ ଲୋକମୁଖରେ ତତ୍‌ପୂର୍ବବର୍ତ୍ତୀ ପ୍ରାଚୀନ ଉପାଖ୍ୟାନମାନ ବିଦ୍ୟମାନ ଥିଲା ।

ମହାଭାରତ ପ୍ରଭୃତି ପୁରାଣ ଆଖ୍ୟା ପାଇଅଛନ୍ତି । ଏଥିର ତାତ୍ପର୍ଯ୍ୟ କଣ ? ବୈଦିକ ଯୁଗର ବା ତତ୍‌ପୂର୍ବବର୍ତ୍ତୀ ଯୁଗର ପାରମ୍ପର୍ଯ୍ୟାପଦଷ୍ଟ ପୁରାବୃତ୍ତ ପାଇଲ ଭାଷାରେ ପଞ୍ଚଲକ୍ଷଣାନ୍ୱିତ ବା ଦଶଲକ୍ଷଣାନ୍ୱିତ ବୋଇ ଲକ୍ଷିତ ହୋଇଅଛନ୍ତି ।

ଲେଖକର ସମସାମୟିକ ଘଟଣାର ବିବରଣକୁ ପୁରାଣ ବୋଲିବାର ଅଯୌକ୍ତିକ । ଲେଖକ ମହାଭାରତକୁ ପୁରାଣ ଆଖ୍ୟା ଦେଇଥିବାରୁ ସେ ତହିଁର ସମସାମୟିକ ଲୋକ ନୁହନ୍ତି । ଆମ୍ଭମାନଙ୍କ ଦେଶରେ ଯେମନ୍ତ ଲୋକମୁଖରେ ଅନେକ-ଗୁଡ଼ିଏ କାହାଣୀ ଅଛି, ପ୍ରାଚୀନକାଳରେ ଲୋକମୁଖରେ ମଧ୍ୟ ଅନେକ କାହାଣୀ ଥିଲା; ସେ ସମସ୍ତ ସଗୃହୀତ ହୋଇ ପୁଣ୍ଡଖଲାଗ୍ରନ୍ଥରେ ଲକ୍ଷିତ ହୋଇଅଛି ଏବ ସେହି ଗ୍ରନ୍ଥ-ମାନଙ୍କୁ ଆମ୍ଭେମାନେ ପୁରାଣ ବୋଲି ନିର୍ଦ୍ଦେଶ କରୁଅଛୁଁ । ପୁରାକାଳରେ ଏକ ଦଳ ଲୋକ ଥିଲେ, ସେମାନଙ୍କର ବ୍ୟବସାୟ ଥିଲା ଲୋକମାନଙ୍କୁ ପୁରାବୃତ୍ତ ଶୁଣାଇବା । ଲୋମହର୍ଷଣ, ସୂତ, ମୌତ ପ୍ରଭୃତି ପୌରାଣିକଶ୍ରେଷ୍ଠ । ଏମାନେ ପଦ୍ୟରେ କଥାରେ ଲୋକଙ୍କୁ ପୁରାଣ ଶୁଣାନ୍ତି ।

ପଞ୍ଚଲକ୍ଷଣାନ୍ୱିତ ବା ଦଶଲକ୍ଷଣାନ୍ୱିତ ପୁରାଣସମୂହ ଯାହା ଆମ୍ଭମାନଙ୍କର ଦୃଷ୍ଟିଗତ ହୋଇଅଛନ୍ତି, ସେ ସମସ୍ତ ପୌରାଣିକ ଯୁଗରେ ଲକ୍ଷିତ ହୋଇଅଛନ୍ତି । ପୁସ୍ତକରେ ରଚକର ନାମ ନ ଥିବାରୁ କେଉଁ କବ କେଉଁ ପୁସ୍ତକର ରଚକ, ତାହା ନିର୍ଣ୍ଣୟ ହେବା ଅସମ୍ଭବ । ପୁରାଣରଚକମାନେ କବିଯଶଃପ୍ରାର୍ଥୀ ନ ଥିଲେ । ନିଜର ମତ ବିସ୍ତାରହିଁ ସେମାନଙ୍କର ମୂଳ ଉଦ୍ଦେଶ୍ୟ ଥିଲା । ଏଣୁ ଗ୍ରନ୍ଥ ରଚନା କର ବ୍ୟାସରଚିତ ବୋଲି ପ୍ରକାଶ କରିଅଛନ୍ତି !

ବ୍ୟାସ ଶବ୍ଦ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବାଚକ ନୁହେ । ଯେଉଁ ବ୍ୟକ୍ତି ଯୁଗ-ଭେଦରେ ବେଦ ବିଭାଗ କରନ୍ତି, ସେ ବ୍ୟାସ । ଏ ହିସାବରେ ସ୍ୱୟଂ ବ୍ରହ୍ମା ବଶିଷ୍ଠ ପ୍ରଭୃତି ଅଠାରଣ ଜଣ ଅଙ୍କିତ ବ୍ୟାସ—ପୁଣି ଦ୍ୱାପରଖଣ୍ଡରେ ଦ୍ରୌଣି ପ୍ରଭୃତି ବ୍ୟାସ ଦେବେ । ଏହା ଛଡ଼ା ପୁଣି ବ୍ୟାସ ପଦର ଆଉ ଗୋଟିଏ ଅର୍ଥ ଅଛି । "ଯେଉଁ ବପ୍ର ବ୍ୟାସ୍ତ, ଷଷ୍ଟ୍ୟକ୍ଷରପଦସୁକ୍ତ, କଲସ୍ୱରସମାଯୁକ୍ତ, ରସଭାବସମନ୍ୱିତ, ସୁବୋଧ, ବେଦ-

ବ୍ରାହ୍ମଣର ଗ୍ରନ୍ଥରୁ ଫଗୁଗ୍ରାହ ପୁରାଣାଦି ଗ୍ରନ୍ଥ ପ୍ରକାଶ କରେ, ସେ ବ୍ୟାସ ।" ଏ ହିସାବରେ ସମସ୍ତ ପୁରାଣଲେଖକ ବ୍ୟାସ । ସ୍ତବ୍ଧ" ଭାଗବତ ଲେଖକ, ସ୍କନ୍ଦପୁରାଣ ଲେଖକ, ଭବିଷ୍ୟତ୍ ପୁରାଣ ଲେଖକଗଣ ଭାଗବତରୁ, ସ୍କନ୍ଦପୁରାଣରୁ, ଭବିଷ୍ୟତ୍ପୁରାଣ ପ୍ରଭୃତିରୁ ବ୍ୟାସଲେଖ ବୋଲି ପ୍ରକାଶ କରିବା ଆଶ୍ଚର୍ଯ୍ୟ କଥା ?

ମହାଭାରତ ବଙ୍ଗସ୍ଥ ମଧ୍ୟରୁ କେତେକ ବୈଦିକ ଗ୍ରନ୍ଥରୁ ଏବଂ କେତେକ ଲୋକ ମୁଖରୁ ସଂଗୃହୀତ । ସେଉଁଗୁଡ଼ିକ, ଲୋକ ମୁଖରୁ ସଂଗୃହୀତ, ତାହା ନିର୍ଦ୍ଧାରଣର ଉପାୟ ନାହିଁ; ମାତ୍ର ବୈଦିକ ଗ୍ରନ୍ଥରୁ ସଂଗୃହୀତ ବଙ୍ଗସ୍ଥର ନିର୍ଦ୍ଧାରଣ ନିମନ୍ତେ ଆମ୍ଭମାନଙ୍କୁ ବୈଦିକ ଗ୍ରନ୍ଥ ଆଲୋଡ଼ନ କରିବାକୁ ପଡିବ ।

ମହାଭାରତରେ ଅସଂଖ୍ୟ ଅପ୍ରାସଙ୍ଗିକ ଉପାଖ୍ୟାନ ଅଛି, ସେଗୁଡ଼ିକର ମୂଳ ବଙ୍ଗସ୍ଥ ସହିତ ଅତି ଅଳ୍ପ ସମ୍ପର୍କ ଥିବାର ଦେଖାଯାଏ । ବୋଧ ହୁଏ, କୁରୁ ପାଣ୍ଡବଙ୍କର ବିବାଦ ଏବଂ ଯୁଦ୍ଧ ମହାଭାରତର ମୁଖ୍ୟ ବଙ୍ଗସ୍ଥ ଏବଂ ସଙ୍ଗେ ସଙ୍ଗେ କୃଷ୍ଣ ଓ ବ୍ୟାସଙ୍କର ଅତ୍ୟଧିକ ପ୍ରଶଂସାରେ ବୈଷ୍ଣବ ଧର୍ମ ପ୍ରଚାର ଉଦ୍ଦେଶ୍ୟ ଅନ୍ତର୍ନିହିତ ।

ମହାଭାରତୋକ୍ତ କଣକେତେ ପ୍ରଧାନ ବ୍ୟକ୍ତିଙ୍କର ପ୍ରକୃତ ପରିଚୟ ପାଇବା ନିମନ୍ତେ ବୈଦିକ ଗ୍ରନ୍ଥ ଆଲୋଚନା କର ଯେଉଁ ପ୍ରମାଣ ପାଇଅଛୁଁ, ତାହା ନିମ୍ନରେ ପ୍ରକାଶ କରୁଅଛୁଁ ।

ପ୍ରଥମରୁ ବ୍ୟାସ; କାରଣ ସେ ପଦ୍ମ ଯୁଧିଷ୍ଠିର ଏବଂ ଦୁର୍ଯ୍ୟୋଧନ ପ୍ରଭୃତିଙ୍କର ଅଳା ଏବଂ ଧୃତରାଷ୍ଟ୍ର ଓ ପଣ୍ଡୁଙ୍କର ଜନକ, ପରାଶର ସତ୍ୟବତୀଙ୍କର ପୁତ୍ର ଏବଂ ମହାଭାରତର ରଚକ ଓ ବେଦବିଭାଗକର୍ତ୍ତା ଋଷି । ମହାଭାରତରୁ ବ୍ୟାସଙ୍କର ଏହି ପରିଚୟ ପାଇଅଛୁଁ । ବୈଦିକ ଗ୍ରନ୍ଥରେ ବ୍ୟାସଙ୍କର ସ୍ଥାନ କେଉଁଠାରେ, ଦେଖାଯାଉ । ତୈତ୍ତିରୀୟ ଆରଣ୍ୟକରେ ଲିଖିତ ଅଛି, ବ୍ୟାସ ପାରାଶର୍ଯ୍ୟ ବୈଶମ୍ପାୟନଙ୍କର ଶିଷ୍ୟ; ଏତଦ୍ଭିନ୍ନ ତାହାଙ୍କର ଅନ୍ୟ ପରିଚୟ ମିଳେ ନାହିଁ । ମହାଭାରତର ପରାଶରପୁତ୍ର ବ୍ୟାସ ଏବଂ ତୈତ୍ତିରୀୟ ଆରଣ୍ୟକର ବ୍ୟାସ ପାରାଶର୍ଯ୍ୟ ଅଭିନ୍ନ ବୋଲିଯାଇ ପାରେ । ବ୍ୟାସମାତା ସତ୍ୟବତୀଙ୍କର ନାମ ଦେଖାଯାଏ ନାହିଁ । ସତ୍ୟବତୀ ଶବ୍ଦର ଅର୍ଥ ଦୃଷ୍ଟିରେ ଏହା ରୂପକ ବୋଲି ଅନୁମାନ କରିଯାଇ ପାରେ । ସେଉଁ ପରାଶର ଋଷିଙ୍କର ପୁତ୍ର ବ୍ୟାସ ତୈତ୍ତିରୀୟ ବ୍ରାହ୍ମଣ ରଚନା ପୂର୍ବେ ବିଦ୍ୟମାନ ଥିଲେ, ସେ ପୁଣି ପୁରାଣଯୁଗରେ ମହାଭାରତ ଲେଖିଅଛନ୍ତି ବୋଲିବା ଯୁକ୍ତିସଙ୍ଗତ ନୁହେଁ । ପାଠକଗଣ ଅବଶ୍ୟ ସ୍ୱୀକାର କରିବେ ଯେ, ବୈଦିକ ଭାଷା ଓ ସଂସ୍କୃତ ଭାଷା ଏକ ନୁହେଁ ଏବଂ ଏକ ସମୟର ଭାଷା ନୁହେଁ । ବୈଦିକ ଯୁଗର ଲୋକ ପୌରାଣିକ ସଂସ୍କୃତ ଲେଖିବା ସମ୍ଭବପର ନୁହେଁ । ପୁଣି ଯେଉଁ ବ୍ୟକ୍ତିର ନାମ ଆମ୍ଭମାନେ ବୈଦିକ ଗ୍ରନ୍ଥରେ ପାଇବା, ସେହି ବ୍ୟକ୍ତି ବୈଦିକ ଗ୍ରନ୍ଥ ଲେଖା କେଲେ କମ୍ବା ତହିଁକୁ ଜାଣିତ ଥିଲେ ବୋଲିବାକୁ ହେବ । ମହାଭାରତର ବହୁତଳ ପୂର୍ବେ ବ୍ରାହ୍ମଣଗ୍ରନ୍ଥମାନ ରଚିତ ହୋଇଥିବା ସର୍ବବାଦସମ୍ମତ । ବ୍ରାହ୍ମଣଗ୍ରନ୍ଥରେ ଯେଉଁ ବ୍ୟକ୍ତିର ନାମ ଅଛି, ସେ ପୁରାଣ ରଚନା କେଲେ ନ ଥିଲେ, ଏହା ନିଶ୍ଚୟରେ

କହାଯାଇ ପାରେ । ସମ୍ଭବତଃ ବ୍ୟାସ ମହାଭାରତର ମୂଳ ଉପାଖ୍ୟାନର ଉଦ୍ଭାବନକର୍ତ୍ତା ଏବଂ ବସୁତଃ ଧୃତରାଷ୍ଟ୍ର ଏବଂ ପଣ୍ଡୁଙ୍କର ଖ୍ୟାତିର ପ୍ରଥମ ସୂତ୍ରପାତକର୍ତ୍ତା; ଏଣୁ ବ୍ୟାସ ପରେ ମହାଭାରତରଚକ ଏବଂ ଧୃତରାଷ୍ଟ୍ର ଓ ପଣ୍ଡୁଙ୍କର ଜନକରୂପେ ପରିଗୃହୀତ ହୋଇଅଛନ୍ତି ।

